# ସପ୍ତଦଶ ସର୍ବଭାରତୀୟ ଯୋଗିନୀ ମହୋତ୍ସବ ଝରିଏଲ୍ ଉଦ୍‌ଯାପିତ

ଭୁବନେଶ୍ୱର, ୧୬/୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ "କଳାଶ୍ରୀ ଆର୍ଟ ଏକାଡ଼େମୀ" ଆନୁକୂଲ୍ୟରେ ସପ୍ତଦଶତମ ସର୍ବଭାରତୀୟ ଯୋଗିନୀ ମହୋତ୍ସବ 'ଝରିଏଲ୍' ଭୁବନେଶ୍ୱର ଜୟଦେବ ଭବନଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ତଥା ଗୁରୁ ଆଲୋକ ଦାସଙ୍କ ଦକ୍ଷ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଉପ-ବାଚସ୍ପତି ତଥା ପୂର୍ବତନ ସଂସ୍କୃତି ମନ୍ତ୍ରୀ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ସଂସ୍କୃତି ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବରେ ସୁବୀର କୁମାର ମିତ୍ର ଯୋଗ ଦେଇଥିଲେ। ମୀରା ପଣ୍ଡା ସଭାପତିତ୍ୱ କରିଥିଲେ। ସକାଳ ୧୦ ଘଟିକାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମଧ୍ୟରେ ନୂତନ ଓ ପୁରାତନ ଶିଳ୍ପୀମାନେ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ, ତବଲା ବାଦନ, ଓଡ଼ିଶୀ ନୃତ୍ୟ ଓ ଲୋକନୃତ୍ୟ ପରିବେଷଣ କରିଥିଲେ। ଅପରାହ୍ନରେ ବିଭିନ୍ନ ଅଂଚଳର କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟା ୬.୩୦ ମିନିଟ୍ ସମୟରେ ସମ୍ବର୍ଦ୍ଧନା ସଭାରେ ଝରିଏଲ୍ ସମ୍ମାନ ଗାୟକ ଆଲ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, କବିଶ୍ରୀ ସମ୍ମାନ ରକ୍ଷକ ନାୟକ, ସରସ୍ୱତୀ ସମ୍ମାନ ଡ. ମୃତ୍ୟୁଞ୍ଜୟ ରଥ, ବନଫୁଲ ସମ୍ମାନ ଲୋକ କଳାକାର ସତ୍ୟନାରାୟଣ ସିଂହ, କଳାଶ୍ରୀ ସମ୍ମାନ ଦୀପକ ଦାସ, ଶ୍ରୀକ୍ଷେତ୍ର ସମ୍ମାନ ଗୁରୁ ଶ୍ରୀ ସତ୍ୟନାରାୟଣ ଗୁରୁ, ନାଟ୍ୟଶ୍ରୀ ସମ୍ମାନ ଲାଲା ବୀରେନ୍ ରାଏ, ସଙ୍ଗୀତଶ୍ରୀ ସମ୍ମାନ ପବିତ୍ର ପଟ୍ଟନାୟକ, ବିଦ୍ୟାରତ୍ନ ସମ୍ମାନ ଡ. ଆଶୀଷ ମହାପାତ୍ର, ସ୍ୱରତୀର୍ଥ ସମ୍ମାନ ଶ୍ରୀ ଚନ୍ଦନ କୁମାର ଜେନାଙ୍କୁ ପ୍ରଦାନ କରାଯାଇଥିଲା। ଝରିଏଲ ମହୋତ୍ସବ ଆୟୋଜନ କରିବା ଦ୍ୱାରା ପଶ୍ଚିମ ଓଡ଼ିଶା ଓ ପୂର୍ବ ଓଡ଼ିଶା ମଧ୍ୟରେ ସମ୍ପର୍କ ବୃଦ୍ଧି କରିବାରେ ମାଇଲ୍‌ଖୁଂଟ ଭାବେ କାର୍ଯ୍ୟ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଝରିଏଲ୍‌ର ଉପଦେଷ୍ଟା ଗୁରୁପଦ ବଳିୟାରସିଂହ। ବିଶେଷ ସଙ୍ଗୀତ କାର୍ଯ୍ୟକ୍ରମରେ ମଧୁମିତା ମିତ୍ର, ଗୁରୁ ବଂଶୀଧର ପଣ୍ଡା, ଗୁରୁ ପ୍ରତାପ ରାଏ, ଗୁରୁ ଲୋକନାଥ ମହାନ୍ତି, କୃଷ୍ଣପ୍ରିୟା କର, ମଞ୍ଜୁଶ୍ରୀ ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। ଜୀବନ ପ୍ରକାଶ ଦାସ ଓ ସୌମ୍ୟ ରାୟଙ୍କ ପରିଚାଳନାରେ ବୃନ୍ଦ ସୀତାର ବାଦନ କରାଯାଇଥିଲା। ବିଭିନ୍ନ ବାଦ୍ୟଯନ୍ତ୍ରରେ ଗୁରୁ ମୁକେଶ ତ୍ରିପାଠୀ, ଗୁରୁ ଧୃତିମୟ ତ୍ରିପାଠୀ, ଗୁରୁ ସୁରେଶ କୁମାର ବେହେରା ଅଂଶଗ୍ରହଣ କରିଥିଲେ। ସୀତାର ଏବଂ ଗୀଟାର ଯୁଗଳବନ୍ଦୀ ପରିବେଷଣ କରିଥିଲେ ଗୁରୁ ସୁବୀର କୁମାର ମିତ୍ର ଏବଂ ଗୁରୁ ବିଶ୍ୱମୋହନ ମିଶ୍ର। କାର୍ଯ୍ୟକ୍ରମକୁ ମୀନକେତନ ପ୍ରଧାନ, ବିଜୟ କୁମାର ବେହେରା, ଡମ୍ବରୁଧର ଦାସ, ବିନାୟକ ହୋତା, ସାଧନା ଦାସ ଓ ଅନ୍ୟମାନେ ସହଯୋଗ କରିଥିଲେ।

# +୯୨ରୁ ଆରମ୍ଭ ହୋଇଥିବା ବିଦେଶୀ ନମ୍ବରରୁ କଲ ଗ୍ରହଣ କରନ୍ତୁ ନାହିଁ: ଓଡିଶା ପୁଲିସ୍‌ର ଚେତାବନୀ




ଭୁବନେଶ୍ୱର , ୧୬/୫ (ନି.ପ୍ର): ହ୍ୱାଟସ୍ ଆପ୍‌ରେ +୯୨ରୁ ଆରମ୍ଭ ହୋଇଥିବା ବିଦେଶୀ ନମ୍ବରରୁ କଲ ଗ୍ରହଣ ନ କରିବାକୁ ଓଡିଶା ପୁଲିସ୍ ଗୁରୁବାର ଦିନ ମୋବାଇଲ୍ ବ୍ୟବହାରକାରୀଙ୍କୁ ଚେତାବନୀ ଦେଇଛି। ମୋବାଇଲ୍ ବ୍ୟବହାରକାରୀଙ୍କୁ ସତର୍କ ରହିବାକୁ ତଥା ପୁଲିସ୍ ଏକ୍ସ-ହ୍ୟାଣ୍ଡେଲରେ ଏନେଇ ପରାମର୍ଶ ଦେଇଛି। ଠକେଇ ହେଉଥିବା ନେଇ ପୁଲିସ୍ ସତର୍କ ସୂଚନା ଜାରି କରିଛି।

ଜାଣିବାକୁ ମିଳିଛି ଯେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପୋଲିସ୍ ଅଧିକାରୀଙ୍କ ଛଦ୍ମନାମରେ ଠକେଇର ଖବର ଆସିବା ପରେ ଓଡ଼ିଶା ପୋଲିସ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କୁ ସତର୍କ କରାଇବାକୁ ନିଷ୍ପତ୍ତି ନେଇଛି। ସାଇବର ଠକମାନେ ଏହି ନୂତନ କୌଶଳ ଆପଣେଇ ନିଜକୁ ପୋଲିସ୍ ଅଧିକାରୀ ଭାବରେ ପରିଚିତ କରି ମୋବାଇଲ ବ୍ୟବହାରୀଙ୍କ ନିକଟ ସମ୍ପର୍କୀୟଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣି ସାଧାରଣ ଲୋକଙ୍କୁ ପ୍ରତାରଣା କରୁଛନ୍ତି। ତେଣୁ ଓଡ଼ିଶା ପୋଲିସ ଲୋକଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଛି ଏବଂ ଏପରି କଲ୍ ଗ୍ରହଣ ନ କରିବା ସହିତ କୌଣସି ସୂଚନା ସେୟାର ନକରିବାକୁ କହିଛି।

ଏହାପୂର୍ବରୁ ଟେଲି ଯୋଗାଯୋଗ ବିଭାଗ, ଯୋଗାଯୋଗ ମନ୍ତ୍ରଣାଳୟ ଏକ ସତର୍କ ସୂଚନା ଜାରି କରି ମୋବାଇଲ୍ ବ୍ୟବହାରକାରୀଙ୍କୁ ହ୍ୱାଟସ୍ ଆପ୍‌ରେ +୯୨ରୁ ଆରମ୍ଭ ହେଉଥିବା ବିଦେଶୀ ନମ୍ବରରୁ କଲ ନେଇ ସତର୍କ ରହିବାକୁ କହିଥିଲେ।

# କୋଟିଆରେ ସାନି ମତଦାନ ପାଇଁ ନିର୍ବାଚନ କମିଶନଙ୍କୁ ଚିଠି ଲେଖିଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର, ୧୬/୫ (ନି.ପ୍ର): ମଇ ୧୩ ତାରିଖ ଦିନ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ତଥା ଦେଶରେ ୪ର୍ଥ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶାର କୋରାପୁଟ ଜିଲ୍ଲା ଅନ୍ତର୍ଭୁକ୍ତ ଅଛି । ଦୁଃଖର କଥା, କୋରାପୁଟ ଜିଲ୍ଲାର ବିବାଦୀୟ କୋଟିଆ ଅଞ୍ଚଳର ଭୋଟରମାନେ ସେହି ଏକା ଦିନରେ ଓଡ଼ିଶାରେ ଭୋଟ୍ ଦେଇଥିଲା ବେଳେ ଆନ୍ଧ୍ରରେ ମଧ୍ୟ ଭୋଟ୍ ଦେଇଛନ୍ତି । ପ୍ରଶାସନିକ ଅବହେଳା ଯୋଗୁଁ ନିର୍ବାଚନ କମିଶନଙ୍କ ଆଇନ୍‌ର ଉଲ୍ଲଙ୍ଘନ ହୋଇଛି। ଓଡ଼ିଶା-ଆନ୍ଧ୍ରସୀମା ସିଲ୍ କରାଯାଇଥିବା ସତ୍ତ୍ୱେ ୨୪ ଘଂଟା ଓଡ଼ିଶା ପୋଲିସ୍ ତରଫରୁ କଡା ପହରା ଦିଆଯିବା ସତ୍ତ୍ୱେ କିଭଳି ଭାବରେ କୋଟିଆର ୩ ହଜାର ଭୋଟର ଭାଇ ଭଉଣୀ ଆନ୍ଧ୍ରରେ ଯାଇ ଭୋଟ୍‌ଦେବାକୁ ସକ୍ଷମ ହେଲେ, ତାହାର ତଦନ୍ତ କରିବାକୁ ସମାଜବାଦୀ ପାର୍ଟି ରାଜ୍ୟ କମିଟି ଦାବି କରିଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀ ଓ ଭାରତ ନିର୍ବାଚନ କମିଶନଙ୍କୁ ଆଜି ଏକ ଚିଠି ଲେଖି ଏହାର ତଦନ୍ତ କରାଯିବା ସଂଗେସଂଗେ ଏଥିପାଇଁ ଦାୟୀ ପ୍ରିଜାଡିଙ୍ଗ୍ ଅଫିସର, ପୋଲିଙ୍ଗ୍ ଅଫିସର, ଜିଲ୍ଲାର ସହକାରୀ ଅଧିକାରୀ ଓ ପୋଲିସ୍ ଅଫିସରମାନଙ୍କ ବିରୁଦ୍ଧରେ ଦାୟିତ୍ୱହୀନତା ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ମଇ ୧୩ତାରିଖରେ କୋଟିଆରେ ଅନୁଷ୍ଠିତ ନିର୍ବାଚନକୁ ଏବଂ ଆନ୍ଧ୍ରର ସାଲୁର ମଣ୍ଡଳ ଅନ୍ତର୍ଗତ କୋଟିଆବାସୀଙ୍କ ଭୋଟ୍ କେନ୍ଦ୍ର ମତଦାନକୁ ବାତିଲ୍ କରିବା ସହିତ କୋଟିଆରେ ସାନି ମତଦାନ କରିବା ପାଇଁ ପଦକ୍ଷେପ ନେବାକୁ ଶ୍ରୀ ବେହେରା ଦାବି କରିଛନ୍ତି ।

# ସପ୍ତଧାରା କେବେ ପାଇବ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ?

ମାଲକାନଗିରି, ୧୬/୫ (ନି.ପ୍ର): ମାଲକାନଗିରି ଜିଲ୍ଲା ପ୍ରବେଶପଥ ଗୋବିନ୍ଦପାଲ୍ଲୀ ଘାଟିରେ କୁଳୁ କୁଳୁ ନାଦରେ ପାହାଡର ବୁକୁ ଚିରି ବୋହି ଯାଇଥିବା ଚିରସ୍ରୋତା ସପ୍ତାଧାରା ନଦୀ ଏବେ ଖୋଜୁଛି ନିଜ ପରିଚୟ। କଥା ଦେଇ କଥା ରଖିଲେ ନାହିଁ ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶୃତି ପାଣିର ଗାର। ମୁଖ୍ୟମନ୍ତ୍ରୀଙ୍କ ଆଗ୍ରହ ଥିବା ସତ୍ତ୍ୱେ ପର୍ଯ୍ୟଟନସ୍ଥଳୀ ମାନ୍ୟତରୁ ବଂଚିତ ସପ୍ତଧାରା। ନବୀନ ସରକାରଙ୍କ ୫ ବର୍ଷ ସରିଗଲା ହେଲେ ବି ସପ୍ତଧାରା ପର୍ଯ୍ୟଟନ ମାନଚିତ୍ରରେ ନିଜର ଜାଗା ବନେଇ ପାରିଲା ନାହିଁ। ଏଥିପାଇଁ ଦାୟୀ କିଏ ? ନିଜେ ମୁଖ୍ୟମନ୍ତ୍ରୀ ନା ସ୍ଥାନୀୟ ବିଧାୟକ। ୨୦୧୯ ମସିହାରେ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ହେଲିକେପ୍ଟରରେ ମାଲକାନଗିରି ଜିଲ୍ଲାକୁ ଆସିଥିଲେ। କାର୍ଯ୍ୟକ୍ରମ ସାରି ଫେରୁଥିବା ସମୟରେ ତାଙ୍କର ନଜର ପଡିଥିଲା ଗୋବିନ୍ଦପାଲି ପାଖରେ ଥିବା ସପ୍ତଧାରା ନଦୀ ଉପରେ। ସପ୍ତଧାରା ନଦୀର ମନୋରୋମ ଦୃଶ୍ୟକୁ ଆକାଶ ମାର୍ଗରୁ ନିରୀକ୍ଷଣ କରି ମନମୁଗ୍ଧ ହୋଇଯାଇଥିଲେ ଏବଂ କିଛି ଫଟୋ ନେଇ ଟୁଇଟ କରିଥିଲେ। ତାକୁ ନେଇ ବିଭିନ୍ନ ପ୍ରକାର କଳ୍ପନାଜଳ୍ପନା ହେଲା ଯେ, ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ଓଡିଶା ସରକାର ସପ୍ତଧାରାରେ ପର୍ଯ୍ୟଟନସ୍ଥଳୀ କରିବେ ବୋଲି। ମାଲକାନଗିରି ଜିଲ୍ଲାରେ ଖୁସିର ଲହରୀ ଖେଳି ଯାଇଥିଲା, କିନ୍ତୁ ବର୍ତମାନ ୫ ବର୍ଷ ବିତିଗଲା ହେଲେ ସରକାର ତା' ବାବଦରେ ବର୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଲା ନାହିଁ। ଏଠାରେ ଅନେକ ସମୟରେ ପର୍ଯ୍ୟଟକ ମାନେ ଆସନ୍ତି ଏବଂ ଭୋଜି ଭାତର ଆସର ଜମିଥାଏ। ଯାତ୍ରୀମାନେ ମଧ୍ୟ ଗାଡି ରଖି କିଛି ସମୟ ଏହି ପର୍ଯ୍ୟଟନସ୍ଥଳୀରେ ବୁଲାବୁଲି କରିବା ସହ ସପ୍ତଧାରା ନଦୀର ସୌନ୍ଦର୍ଯ୍ୟ ଉପଭୋଗ କରିଥାନ୍ତି। ଯଦି ଏହି ଜାଗାର ଉନ୍ନତି ପ୍ରକୃତରେ ପର୍ଯ୍ୟଟନର ବିକାଶ ପାଇଁ କରାଯାଇଥାନ୍ତା ତାହେଲେ ଆଖପାଖ ରାଜ୍ୟର ଲୋକ ବି ଏଠାକୁ ଆସିପାରନ୍ତେ ଏବଂ ଏଠିକାର ବ୍ୟବସାୟ ଉପରେ ବହୁତ ଭଲ ପ୍ରଭାବ ପଡନ୍ତା। ସପ୍ତଧାରା ଆଜି ପର୍ଯ୍ୟନ୍ତ ପର୍ଯ୍ୟଟନ ମାନଚିତ୍ରରେ ନିଜର ଜାଗା ବନେଇ ପାରିଲା ନାହିଁ। ନିଜେ ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ନିଜର କଥା ରଖି ପାରିଲେ ନାହିଁ ତାହେଲେ ଜନସାଧାରଣ ଦେଇଥିବା ଅଭିଯୋଗକୁ କିପରି ସମାଧାନ କରିବେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

# ମୋ ବୁଥ୍ ଆପ୍ ଉଦ୍‌ଘାଟିତ: ଖୋର୍ଦ୍ଧା ଜିଲ୍ଲାରେ ମତଦାତାମାନଙ୍କୁ ବୁଥ୍‌ର ଅବସ୍ଥିତି ଜାଣିବାରେ ଏହି ଆପ୍ ବିଶେଷ ସହାୟକ ହେବ

ଭୁବନେଶ୍ୱର, ୧୬/୫ (ନି.ପ୍ର): ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ମିଡ଼ିଆ ସେଂଟରରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ ଦ୍ୱାରା ବୁଧବାର 'ମୋ ବୁଥ୍' ମୋବାଇଲ୍ ଆପ୍ଲିକେସନ୍ ତଥା ମୋ ବୁଥ୍ ୱେବ୍ ପୋର୍ଟାଲ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ମୁଖ୍ୟ ନିର୍ବାଚନ ଅଧିକାରୀ ଖୋର୍ଦ୍ଧା ଜିଲ୍ଲାରେ ମତଦାତାମାନଙ୍କୁ ନିଜ ନିଜର ମତଦାନ କେନ୍ଦ୍ରର ଅବସ୍ଥିତି ଓ ମାର୍ଗ ବିଷୟରେ ଜାଣିବାରେ ଏହି ଆପ୍ ବିଶେଷ ସହାୟକ ହେବା ସହ ଭୁବନେଶ୍ୱର ଲୋକସଭା କ୍ଷେତ୍ରରେ ମତଦାନ ହାର ବଢ଼ାଇବାରେ ମଧ୍ୟ ସହାୟକ ହେବ ବୋଲି ମତପ୍ରକାଶ କରିଛନ୍ତି। ଏହି ଅବସରରେ ସେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ତରଫରୁ ସୃଷ୍ଟି କରାଯାଇଥିବା ଏହି 'ମୋ ବୁଥ୍' ଆପ୍ ବିଷୟରେ ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା ସମ୍ୟକ ସୂଚନା ଦେଇଥିଲେ । ଉଦ୍‌ଘାଟନୀ ବକ୍ତବ୍ୟରେ ଶ୍ରୀ ଧଳ ଏହି ଆପ୍ ର ଉପଯୋଗିତା ଯଥା- ମତଦାନ କେନ୍ଦ୍ରର ଅବସ୍ଥିତି, ମତଦାନ କେନ୍ଦ୍ରରେ କେତେଜଣ ଧାଡ଼ିରେ ଅଛନ୍ତି ତାହା ସହଜରେ କିପରି ଜାଣିହେବ ସେ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନରେ ରାଜ୍ୟରେ ମତଦାନ ହାର ପ୍ରାୟ ୭୫.୬୮% ରହିଥିବା ସୂଚନା ଦେଇଥିଲେ । କଳାହାଣ୍ଡିରେ ୭୭.୯୦% , ନବରଙ୍ଗପୁରରେ ୮୨.୧୬% , ବ୍ରହ୍ମପୁରରେ ୬୫.୪୧% ଓ କୋରାପୁଟରେ ୭୭.୫୩% ମତଦାନ ହୋଇଛି। ଏହି ମତଦାନ ହାରରେ ପୋଷ୍ଟାଲ ବାଲାଟ ଦ୍ୱାରା ହୋଇଥିବା ମତଦାନ ମିଶାଯାଇ ନାହିଁ ।

ଏଠାରେ ଶ୍ରୀ ଧଳ ସୂଚିତ କରିଥିଲେ ଯେ ଉକ୍ତ ଚାରୋଟି ସଂସଦୀୟ କ୍ଷେତ୍ରରେ ମୋଟ ମହିଳା ମତଦାତାଙ୍କ ସଂଖ୍ୟା ପୁରୁଷ ମତଦାତାଙ୍କ ସଂଖ୍ୟା ଅପେକ୍ଷା ଅଧିକ ଅଟେ। ଏହି ପର୍ଯ୍ୟାୟରେ ପ୍ରାୟ ୨୪ ଲକ୍ଷ ୨୬ ହଜାର ମହିଳା ଓ ପ୍ରାୟ ୨୩ ଲକ୍ଷ ୩୨ ହଜାର ପୁରୁଷ ମତଦାନ କରିଛନ୍ତି । ସ୍ୱାଭିମାନ ଅଂଚଳରେ ମତଦାନ ହାର ଖୁବ୍ ଭଲ ରହିଛି । ଜନଜାତି ସମୁଦାୟର ଭାଇଭଉଣୀମାନେ ମଧ୍ୟ ଖୁବ୍ ଉତ୍ସାହର ସହ ମତଦାନ କରି ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇଥିବା ଶ୍ରୀ ଧଳ ପ୍ରକାଶ କରିଥିଲେ ।

ପରେ 'ମୋ ବୁଥ୍' ଆପ୍ ର ବ୍ୟବହାର ବିଷୟରେ ଲାଇଭ୍ ଡେମୋନ୍‌ଷ୍ଟ୍ରେସନ୍ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ତିରୁମାଲା ନାୟକ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ମିହିର ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ।

ଏହି ଆପ୍ ମାଧ୍ୟମରେ ମତଦାତାମାନେ ବୁଥ୍ ର ନାମ ଏବଂ ଏହାର ଅବସ୍ଥିତି ସଂପର୍କରେ ସଠିକ୍ ତଥ୍ୟ ପାଇପାରିବେ । ଏହି ଆପ୍ ଜରିଆରେ ମତଦାନ କେନ୍ଦ୍ରରେ ସେହି ସମୟ ମଧ୍ୟରେ ମତଦାନ ନିମନ୍ତେ କେତେ ଜଣ ମତଦାତା ଉପସ୍ଥିତ ଅଛନ୍ତି ତାହା ଜାଣିପାରିବେ। ବୁଥ୍ ସ୍ତରୀୟ ଅଧିକାରୀମାନେ ମତଦାନ କେନ୍ଦ୍ରରେ ସେହି ସମୟ ମଧ୍ୟରେ କେତେଜଣ ଭୋଟର ଉପସ୍ଥିତ ଅଛନ୍ତି ଏହା ସଂପର୍କରେ ତଥ୍ୟ ଦେବେ, ଯାହା ଉଭୟ ଭୋଟର ଏବଂ ଅଧିକାରୀମାନଙ୍କ ନିମନ୍ତେ ଉପଲବ୍ଧ ରହିବ। ଏହି ଆପ୍ ମାଧ୍ୟମରେ ସେକ୍ଟର ଅଧିକାରୀମାନେ ନିମ୍ନ ସୂଚନା ଉପଲବ୍ଧ କରାଇବେ, ଯାହା ଦ୍ୱାରା ସଂପୃକ୍ତ ଅଧିକାରୀମାନଙ୍କୁ ତ୍ୱରିତ ପଦକ୍ଷେପ ନେବାରେ ସହାୟକ ହେବ । ମତଦାନ କେନ୍ଦ୍ରରେ ପୋଲିଂ ପାର୍ଟି ପହଂଚିବାର ସୂଚନା, ମକ୍ ପୋଲ୍ ଏବଂ ମତଦାନର ସଦ୍ୟତନ ସ୍ଥିତି ,ମତଦାନ ପ୍ରକ୍ରିୟା ଶେଷ ଏବଂ ବୁଥ୍ ରୁ ପୋଲିଂ ପାର୍ଟିର ପ୍ରସ୍ଥାନ ବିଷୟରେ ଜାଣିହେବ। ଏତଦ୍‌ବ୍ୟତୀତ ସେକ୍ଟର ଅଧିକାରୀମାନେ ଆଇନଶୃଙ୍ଖଳା ପରିସ୍ଥିତି ,ଇଭିଏମ୍ ରେ ଯାନ୍ତ୍ରିକ ତ୍ରୁଟି ମଧ୍ୟ ଏହି ଆପ୍‌ରେ ଉପଲବ୍ଧ କରାଇପାରିବେ। ଏଥିସହ ଉଭୟ ଜିଲ୍ଲାସ୍ତରୀୟ ଏବଂ ସେକ୍ଟର ଅଧିକାରୀମାନଙ୍କ ନିମନ୍ତେ ଏକ ସେଣ୍ଟ୍ରାଲ୍ ଡ୍ୟାସ୍‌ବୋର୍ଡ ଉପଲବ୍ଧ ରହିବ, ଯାହା ଦ୍ୱାରା ବିଭିନ୍ନ ତଥ୍ୟ ଗ୍ରହଣ ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।

# ବିକଳ୍ପ ରାସ୍ତା ନକରି ପୋଲ ଭାଙ୍ଗିଦେଲେ

ଦୈତାରି, ୧୬/୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ଦୈତାରି ସବଷ୍ଟେସନ ହଟିଂରେ ବିପଦସଂକୁଳ ଅବସ୍ଥାରେ ଥିବା ପୋଲ ଭାଙ୍ଗି ନୂତନ ପୋଲ ନିର୍ମାଣ କରାଯାଉଛି। ଯାତାୟାତ ପାଇଁ ବିକଳ୍ପ ରାସ୍ତା ନିର୍ମାଣ କରାଯାଇ ନଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବଷ୍ଟେନ ହଟିଂ ପୋଲଟି ବହୁଦିନ ହେବ ଭଙ୍ଗାଦଦରା ହୋଇ ପଡ଼ିଥିଲା। ଭାରୀଯାନ ଚଳାଚଳ ଯୋଗୁଁ ପୋଲଟି ମଝିରୁ ଦବି ଯାଇଥିଲା। ନୂତନ ପୋଲ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଆସୁଥିଲେ। ଏନେଇ ଖବର ପ୍ରକାଶ ପାଇବା ପରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପୁରୁଣା ପୋଲଟିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଛି। ସହିବାସୀଙ୍କ ଯାତାୟାତ ପାଇଁ ରାସ୍ତା ନିର୍ମାଣ କରାଯାଇ ନଥିବାରୁ ଲୋକେ ପୋଲ କଡ଼ ଦେଇ ବହୁ କଷ୍ଟରେ ଯାତାୟାତ କରୁଛନ୍ତି। ପୋଲ ନିର୍ମାଣ ଶେଷ ହେବା ପର୍ଯ୍ୟନ୍ତ ଲୋକଙ୍କ ଯାତାୟାତ ପାଇଁ ବିକଳ୍ପ ରାସ୍ତା ନିର୍ମାଣ କରିବାକୁ ଦାବି ହେଉଛି।

# କେବେ ସୁଧୁରିବ ତରଭା ବାଇପାସ୍ ରାସ୍ତା ଅବସ୍ଥା ?

ସୁବର୍ଣ୍ଣପୁର, ୧୬/୫ (ନି.ପ୍ର): ତରଭା ସହରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ସମସ୍ୟା ଦୂର କରିବା ପାଇଁ ଯୋଜନା ଓ ବ୍ୟବସ୍ଥା କରାଯାଉଛି, ହେଲେ ବିଭଗୀୟ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ ମଧ୍ୟରେ କାଦୁଅ ଫିଙ୍ଗା ଫିଙ୍ଗି ଯୋଗୁଁ ଟ୍ରାଫିକ ସମସ୍ୟାକୁ ଦ୍ୱିଗୁଣିତ କରି ପକାଉଛି। ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ତରଭା ସହରର ଉଭୟ ପାର୍ଶ୍ୱରେ ଦୁଇଟି ବାଇପାସ୍ ରାସ୍ତା ନିର୍ମାଣ କରାଯାଇଛି। କିନ୍ତୁ, ପିଡ଼ବ୍ଲୁଡି ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ରାସ୍ତା ମାନ ମରଣ ଯନ୍ତା ପାଲଟିଛି । ଉଭୟ ରାସ୍ତାର ଅବସ୍ଥା ଠିକ ନାହିଁ । ଖାଲ ଡିପ ହୋଇ ରହିଛି। ସହରର ବାମ ପାର୍ଶ୍ୱରେ ଯାଇଥିବା ବାଇପାସ୍ ରାସ୍ତା ପେଟ୍ରୋଲ ପମ୍ପ କଡ଼ରେ ଯାଇଛି। ଏହି ରାସ୍ତା ବଡବନ୍ଧ ନିକଟ ତଥା ବନ୍ଧପଡାର ଛକ ପାଖର ଅବସ୍ଥା କହିଲେ ନ ସରେ । ରାସ୍ତା ନିର୍ମାଣ ହେବା ଦିନ ଠାରୁ ଖାଲ ଡିପ ହୋଇ ରହିଛି। ଏହି ରାସ୍ତା ଉପରେ ସହର ଡ୍ରେନ ପାଣି ଆସି ଜମା ହୋଇ ରହୁଛି ସବୁବେଳେ ଡ୍ରେନ ପାଣି ଯିବା ପାଇଁ ଏଠାରେ ଏନଏସି ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନ ଥିବା ଯୋଗୁଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ସବୁବେଳେ ଏହି ସ୍ଥାନ ଏକ ଛୋଟ ଗାଡିଆ ଭଳି ପାଣି ଜମି ରହୁଛି । ଖରା ବର୍ଷା ଶୀତ ସବୁଦିନ ଏହି ସ୍ଥାନରେ ଦଶ- ବାର ଫୁଟ ଚଉଡାର ଗାତ ହୋଇ ପାଣି ଜମି ରହୁଛି । ଏହି ରାସ୍ତାରେ ଗାଡିମୋଟର ଯିବା ତ ଦୂରର କଥା ଜଣେ ମଣିଷ ଯିବା ଆସିବା ମଧ୍ୟ କଷ୍ଟକର ହୋଇଥାଏ । ଅନେକ ସମୟରେ ବାଇକ ଗୁଡ଼ିକ ଦୁର୍ଘଟଣା ଘଟୁଥିବା ସୂଚନା ରହିଛି । ସେହିପରି ଡାହାଣ ପାର୍ଶ୍ୱରେ ଯାଇଥିବା ବାଇପାସ୍ ର ପୂର୍ବତନ ଟେଲିଫୋନ ଭବନ ନିକଟରେ ଓ କଲେଜ ଗେଟ ଛକ ଠାରେ ବଡ଼ ବଡ଼ ଖାଲ (ଗର୍ତ) ହୋଇ ରହିଛି। ସାମାନ୍ୟ ବର୍ଷା ହେଲେ ବର୍ଷାପାଣି ଜମାହୋଇ ରହୁଛି। ଅଭିଯୋଗ ହେଲେ ବିଭାଗ ପକ୍ଷରୁ ଏହି ରାସ୍ତା ମାନଙ୍କରେ କ୍ରସରଗୁଣ୍ଡ ପକାଇ ଚୁପ ରହୁଛି। ଏଥିରେ ସ୍ଥାନୀୟ ଲୋକଙ୍କ ସମସ୍ୟା ସମାଧାନ ହେବା ପରିବର୍ତେ ଦୁଃଖ ଦିଗୁଣିତ ହୋଇ ପଡୁଛି। କ୍ରସର ଗୁଣ୍ଡ ଉଡିବା ଯୋଗୁଁ ଅଂଚଳ ବାସୀ ଅତିଷ୍ଠ ହୋଇପଡୁଛନ୍ତି। ଅନେକ ସମୟରେ ବିଭିନ୍ନ ଶ୍ୱାସଜନିତ ରୋଗରେ ପୀଡିତ ହେଉଛନ୍ତି। ରାସ୍ତାର ଧୂଳିରେ ଅଂଚଳ ବାସୀ ଅଣ ନିଶ୍ୱାସୀ ହୋଇ ପଡୁଛନ୍ତି। ଯେତେ ଅଭିଯୋଗ କରିଲେ ମଧ୍ୟ କେହି ଦୃଷ୍ଟି ଦେଉ ନାହାନ୍ତି। ବର୍ଷ ବର୍ଷ ଧରି ରାସ୍ତା ଏହି ଅବସ୍ଥାରେ ପଡି ରହିଛି। ରାସ୍ତା ଦେଇ ଯନ୍ତ୍ରୀ ଠାରୁ ଆରମ୍ଭ କରି ମନ୍ତ୍ରୀ, ନେତା, ବିଭିନ୍ନ ଉଚ୍ଚ ଅଧିକାରୀ ଯାତାୟାତ କରୁଛନ୍ତି, ହେଲେ ରାସ୍ତା ପ୍ରତି କାହାରି ଦୃଷ୍ଟି ପଡି ପାରୁନାହିଁ। ରାସ୍ତା କାମ ପାଇଁ ଟେଣ୍ଡର ସରିଯାଇଛି କାମ ଶୀଘ୍ର ଆରମ୍ଭ ହେବ ବୋଲି କୁହାଯାଉଛି, କିନ୍ତୁ ଏକ ବର୍ଷ ହେଲା କାମ ଆରମ୍ଭ ହୋଇ ପାରୁନାହିଁ। ରାସ୍ତାର ସୁଧାର ନେଇ ପ୍ରଶାସନ କେବେ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ରହିଲା।

# ପୁରୀରେ ନକଲି ଛେନା ବିକ୍ରି ବୃଦ୍ଧି

ପୁରୀ, ୧୬/୫ (ନି.ପ୍ର): ପୁରୀ ସହରକୁ ପ୍ରତିଦିନ ଆଖପାଖ ଅଂଚଳରୁ କୁଇଟାଂଲ କୁଇଟାଂଲ ଛେନା ଆସୁଅଛି । ଖୀରା, ରାବିଡ଼ି, ରସଗୋଲା, ଛେନାଗଜା, ଛେନା ପୋଡ, ଛେନାଝିଲି, ପନିରି ଖଣ୍ଡ, ଛେନାରେ ପ୍ରସ୍ତୁତ ଅନ୍ୟାନ୍ୟ ମିଠା ଜିନିଷ ପାଇଁ ଛେନାର ଆବଶ୍ୟକତା ରହିଛି । ପ୍ରତିଦିନ ପ୍ରାୟ ୧୦ କୁଇଟାଂଲ ଛେନା ପୁରୀରେ କାରବାର ହେଉଛି । ଏହାକୁ ଲକ୍ଷ୍ୟ କରି କେତେକ ଅସାଧୁ ଛେନା ବ୍ୟବସାୟୀ ନକଲି ଓ ଅପମିଶ୍ରଣ ଛେନା ବିକ୍ରି କରୁଥିବା ଅଭିଯାଗ ହେଉଛି । ଏକ ସ୍ୱତନ୍ତ୍ର ଧରଣର ମିଲ୍କ ପାଉଡ଼ର ୫୦ କେଜି ଅଖାରେ ପୁରୀ ସହରକୁ ଆସୁଛି । ଗୁଣ୍ଡ ଖୀର ପରି ଏହାକୁ ଗରମ ପାଣିରେ ବତୁରାଇଲେ ତାହା ଛେନା ପରି ଦେଖାଯାଉଛି । ଏଥିରେ ଅଳ୍ପ ଅସଲି ଛେନା ମିଶାଯାଇ ଛେନା ବାସ୍ନା କରୁଥିବା ଏକ ରସାୟନିକ ଗୁଣ୍ଡ ମିଶ୍ରଣ କରାଯାଉଛି । ଯାହାଫଳରେ ଏହା ସତ ଛେନା ପରି ଦେଖାଯିବା ସହ ଛେନା ସୁଗନ୍ଧିତ ବାହାରୁଛି । ଏହା ସହ ପ୍ରକୃତ ଛେନାର ପାଣି ମିଶ୍ରଣ କରାଯାଉଛି । ଏହି ପାଉଡ଼ର ଛେନା ବିଭିନ୍ନ ସ୍ଥାନରେ ସିଲଭର ଡ଼େକଚିରେ ଜାଲି ଗାମୁଛାରେ ଚୁପୁଡ଼ି କରି ବିକ୍ରି କରାଯାଉଛି । ଯାହାଫଳରେ ଗ୍ରାହକ ଏହାକୁ ସତ ଛେନା ବିଶ୍ୱାସ କରି କ୍ରୟ କରୁଛନ୍ତି । ଏହି ଛେନା ଖୀରା ସାଥିରେ ମିଶାଯାଇ ଅବଢା ସହ ପରସା ଯାଉଛି । କେତେକ ସେବାୟତ ଏହି ଖୀରା ଛେନା ଖାଇ ଛାଡ଼ାବାନ୍ତିରେ ପୀଡ଼ିତ ହେବା କହୁଛନ୍ତି । ପୁରୀରେ ଅଧିକ ଛେନା ବିକ୍ରୟକୁ ଦେଖି ଅସାଧୁ ବ୍ୟବସାୟ ମାନେ ଏହି ପନ୍ଥାକୁ ଆପଣେଇ ଥିବା କୁହାଯାଉଛି । ଖାଦ୍ୟର ମାନ ପରୀକ୍ଷା ପାଇଁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଖାଦ୍ୟ ସୁରକ୍ଷା ଅଧିକାରୀ ମାନେ ଅପରାହ୍ନ ୪ଟାରୁ ଛୁଟିରେ ଘରୁ ଫେରୁଛନ୍ତି । ଛେନା ପସରା ସନ୍ଧ୍ୟା ସମୟରେ ସହରର ପ୍ରାୟ ୨୦୦ଟି ସ୍ଥାନରେ ବିକ୍ରି କରାଯାଉଛି । ଚଢ଼ଉ ଯାଂଚ୍ ଓ ଛେନାର ମାନ ପରୀକ୍ଷା କରାଯାଉନଥିବାରୁ ଛେନା ବ୍ୟବସାୟୀ ମାନେ ନିର୍ଭୟରେ ଛେନା ବିକ୍ରି କରୁଛନ୍ତି । ଏହି ମିଲ୍କ ପାଉଡ଼ର ଅଖା ବ୍ରହ୍ମଗିରି, ଡ଼େଲାଙ୍ଗ, ସାକ୍ଷୀଗୋପାଳ ଓ ପିପିଲି ଅଂଚଳରୁ ଚୋରାରେ ଆସି ପୁରୀର ଏକ ନିର୍ଦ୍ଦିଷ୍ଟ ଅଣ୍ଡର ଗ୍ରାଉଣ୍ଡ ଗୋଦାମରେ ଗଚ୍ଛିତ ହେଉଥିବା କୁହାଯାଉଛି । ପୁରୀରେ ଛେନାର ଆଦର ରହିଥିବାରୁ ଗ୍ରାହକମାନେ ତରବର ହୋଇ ଛେନା କିଣି ନେଉଥିବା ଦେଖିବାକୁ ମିଳୁଛି । ଛଇତନାରୁ ଆସୁଥିବା ଅସଲି ଛେନା ବିଭିନ୍ନ ମିଠା ଦେକାନରେ ରସଗୋଲା ତିଆରି ପାଇଁ ବ୍ୟବହୃତ ହେଉଥିବା ବେଳେ ନକଲି ଛେନା ବଡଦାଣ୍ଡରେ ବିକ୍ରି ହେଉଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ, ପୌର ସ୍ୱାସ୍ଥ୍ୟ ଅଧିକାରୀ, ଖାଦ୍ୟ ନିରାପତା ଅଧିକାରୀ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି ।

# ଜୟପୁର-ମାଲକାନଗିରି ଓ ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ କେବେ ?

ମାଲକାନଗିରି, ୧୬/୫ (ନି.ପ୍ର): ଜୟପୁର-ମାଲକାନଗିରି ରେଳପଥରେ ୪୧.୫ କିଲୋମିଟର ଯାଏଁ ବ୍ରଡ୍ ଗେଜ ରେଳ ଲାଇନ୍ ପ୍ରସ୍ତୁତ ଲାଗି ଟେଣ୍ଡର ଆହ୍ୱାନ କରିଛି ଇଷ୍ଟକୋଷ୍ଟ ରେଲୱେ । ରେଳ ଲାଇନ୍ ଲାଗି ଅଣ୍ଡର ବ୍ରିଜ, ଓଭର ବ୍ରିଜ, ମାଟି କାମ ପାଇଁ ଟେଣ୍ଡର ଆହ୍ୱାନ ହୋଇଛି। ମାଲକାନଗିରି ତହସିଲ ଅନ୍ତର୍ଗତ ଜୟ ନଗର, ବସନ୍ତପୁର ଓ ଗରେଇଗୁଡ଼ା ମୌଜାରେ ମାଲକାନଗିରି ରେଳ ଷ୍ଟେସନ ନିର୍ମାଣ ଲାଗି ପ୍ରସ୍ତାବ ରହିଛି । ବାରମ୍ବାର ମାପ ଚୁପ କରି ଜମି ଚିହ୍ନଟ ହୋଇଛି । ହେଲେ ଏଯାଏଁ ଚାଷୀଙ୍କ ଜମି ଅଧିଗ୍ରହଣ କରି ଉଚିତ ମୂଲ୍ୟ ପ୍ରଦାନ କରାଯାଇନଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି । କିନ୍ତୁ, ଜମିରେ ଚାଷ କରିବା ଲାଗି ଅଧିକାରୀ ବାରଣ କରିଥିବା ଚାଷୀ ଅଭିଯୋଗ କରିଛନ୍ତି । ଏମଭି ୪୨, ଏମଭି-୪୩ ଓ ଗୌଡଗୁଡା ଗାଁରେ ପ୍ରାୟ ୪୦ ଚାଷୀଙ୍କ ଜମି ପଡିଆ ପଡିଛି । ସେହିପରି ଖଇରପୁଟ, ମାଥିଲି ତହସିଲରେ ମଧ୍ୟ ସମାନ ସ୍ଥିତି ରହିଛି । ୨୦୧୬ରେ ଜୟପୁର-ମାଲକାନଗିରି ଓ ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପ ଘୋଷଣା ହୋଇଥିଲା । ୨୦୧୮ରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଜୟପୁର-ନବରଙ୍ଗପୁର ପ୍ରକଳ୍ପ ପାଇଁ ରାଜ୍ୟ ସରକାର ମାଗଣା ଜମି ସହ ପ୍ରକଳ୍ପର ୫୦ ପ୍ରତିଶତ ଖର୍ଚ୍ଚ ଓ ଜୟପୁର-ମାଲକାନଗିରି ପ୍ରକଳ୍ପ ୨୫ ପ୍ରତିଶତ ଖର୍ଚ୍ଚ ବହନ କରିବା ଲାଗି ଚୁକ୍ତି ହୋଇଥିଲା । କିନ୍ତୁ, ଏଯାଏଁ ଘରୋଇ ଜମି ଅଧିଗ୍ରହଣ ହୋଇନାହିଁ ।

# ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ ଗାଁକୁ ନାହିଁ ରାସ୍ତା

ମାଲକାନଗିରି, ୧୬/୫ (ନି.ପ୍ର): ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ ଗାଁକୁ ନାହିଁ ରାସ୍ତା। ଜନଜାତିଙ୍କୁ ସହ ବାରମ୍ବାର ପ୍ରତାରଣା କେବଳ ବିକାଶ ନୁହେଁ ରୋଜଗାର ପନ୍ଥା ମଧ୍ୟ ଏବେ ଅପହଂଚ। ସରକାରଙ୍କ ମାଳ ମାଳ ଯୋଜନା ସତ୍ତ୍ୱେ ଏବେବି କାଉଡ଼ିରେ ବୁହା ହେଉଛନ୍ତି ମା। ମା କୁ ସମ୍ମାନ ନାରା ଦେଉଛନ୍ତି ରାଜ୍ୟ ସରକାର, ହେଲେ ତାହା କେତେଦୂର ଫଳପ୍ରଦ ହେଉଛି। ରାଜ୍ୟ ସରକାରଙ୍କ ଯୋଜନା ପ୍ରବଳ କାମ ଦୁର୍ବଳ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଉପାନ୍ତ ମାଲକାନଗିରି ଜିଲ୍ଲା, ଖଇରପୁଟ ବ୍ଲକ, ହନ୍ତ୍ରାହାଲ ପଂଚାୟତର ପାତ୍ରପୁଟ ଗ୍ରାମରେ। ବଣ ପାହାଡ ଘେରା ମଧ୍ୟରେ ରହିଛି ପାତ୍ରପୁଟ ଗାଁ /ସମୁଦ୍ର ପତନ ଠାରୁ ପ୍ରାୟ ଛଅ ହଜାର ଫୁଟ ଉପରେ ରହିଛି ଏହି ଗାଁ। ଗାଁକୁ ଲାଗିକି ରହିଛି ଆନ୍ଧ୍ରପ୍ରଦେଶ ରାଜ୍ୟ। ଏଠାରେ ବର୍ଷ ବର୍ଷ ଧରି ବସବାସ କରି ଆସୁଛନ୍ତି ଆଦିମ ଜନଜାତି। ଗାଁକୁ ଯିବା ପାଇଁ ଏକ ପଥୁରିଆ ରାସ୍ତା ହିଁ ସେମାନଙ୍କର ସାହଭରଷା। ତାହା ମଧ୍ୟ ଖାଲଖମାରେ ପରିପୂର୍ଣ ମେଟଲ ଗୁଡିକ ଉଠି ଯାଇ ରାସ୍ତା ପାଲଟିଛି ମରଣଯନ୍ତା। ବିପଦ ସଂକୁଳ ଅବସ୍ଥାରେ ସେହି ରାସ୍ତାରେ ନିତିଦିନ ଯିବା ଆସିବା କରନ୍ତି ସେଠାକାର ଲୋକେ। ସେହି ରାସ୍ତାରେ ଦୁଇ ଚକିଆ ଗାଡି ଯିବା ମୁସ୍କିଲ ହୋଇ ପଡୁଥିବା ବେଳେ ଚାରି ଚକିଆ ଯିବ ବା କୁଆଡେ। ଏହି ଗାଁରେ ୬୫ ପରିବାର ବସବାସ କରୁଛନ୍ତି। ସରକାରଙ୍କ ମୌଳିକ ସୁବିଧା କହିଲେ ଗାଁରେ କେବଳ ଗୋଟିଏ ନଳକୂପ ନିର୍ମାଣ କରାଯାଇଛି ସେଥିରୁ ମଧ୍ୟ ଯଥେଷ୍ଟ ପରିମାଣରେ ପାଣି ବାହାରୁ ନାହିଁ। ଗୋଟିଏ ହାଣ୍ଡି ବାହାରିଲେ ବନ୍ଦ ହୋଇଯାଉଛି। ଖରାଦିନ ଆସିଲେ କଥା ସରିଲା ଲୋକେ କୌଣସି ବିକଳ୍ପ ନପାଇ ଆନ୍ଧ୍ର ସୀମାନ୍ତରେ ବହି ଯାଇଥିବା ନଦୀ ପାଣି ଉପରେ ନିର୍ଭର କରୁଛନ୍ତି / ପାଣି ହାଣ୍ଡି ମୁଣ୍ଡରେ ବୋହି ପ୍ରାୟ କୋଡିଏ ଫୁଟ ଘାଟି ଚଢିବାକୁ ପଡିଥାଏ। ଘାଟି ଚଢିବା ସମୟରେ ପାଣି ହାଣ୍ଡି ସହିତ ପଡି ଅନେକ ସମୟରେ ଖଣ୍ଡିଆ ଖାବରା ହେଉଛନ୍ତି ମହିଳା। ବର୍ଷା ଦିନ ଆସିଲେ ନଦୀ ପାଣି ଦୂଷିତ ହୋଇଯାଏ। କୌଣସି ବିକଳ୍ପ ନପାଇ ସେହି ଦୂଷିତ ପାଣି ପିଇ ନାନା ପ୍ରକାର ରୋଗର ଶିକାର ହେଉଛନ୍ତି। ପିଡ଼ିଏସ ଚାଉଳ ଓ ବାର୍ଦ୍ଧକ୍ୟ ଭତା ପାଇଁ ପ୍ରତିମାସ ସଂଘର୍ଷ କରିବାକୁ ପଡୁଛି। ପ୍ରାୟ ପନ୍ଦର କିଲୋମିଟର ପାହାଡ ଚଢିବାକୁ ପଡୁଛି। ଗାଁର କୌଣସି ଲୋକ ରୋଗରେ ପଡିଲେ କିମ୍ବା ଗର୍ଭବତୀ ମହିଳାଙ୍କ ଗର୍ଭଯନ୍ତ୍ରଣା ହେଲେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ହେଲେ ଭାରରେ ବାହି ନେବାକୁ ପଡୁଛି। ସାତ କିଲୋମିଟର ପଥୁରିଆ ରାସ୍ତାରେ ଗଲା ପରେ ଆମ୍ବୁଲାନ୍ସ ପାଖରେ ପହଂଚିବାକୁ ପଡୁଛି। ନେବା ସମୟରେ ଅନେକ ଥର ବାଟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ନଥିବାରୁ ଗାଁରେ ଆମ୍ବୁଲାନ୍ସ ଆସିପାରୁନାହିଁ। ବର୍ଷ ବର୍ଷ ଧରି ଦୁର୍ବିସହ ଜୀବନ କାଟୁଛନ୍ତି ଲୋକେ। ରାଜ୍ୟ ସରକାର ଅଂଚଳର ବିକାଶ କରିବା ବଦଳରେ ଯୋଜନା ଉପରେ ଯୋଜନା କରିଚାଲିଛନ୍ତି। କିନ୍ତୁ, ଏହି ଯୋଜନା ଲୋକଙ୍କ କାମରେ ଆସୁନାହିଁ। ଯୋଜନା ପ୍ରବଳ କାମ ଦୁର୍ବଳ ପାତ୍ରପୁଟ ଗାଁ ସରକାରଙ୍କ ଦୃଷ୍ଟି ଆଢୁ ଆଳରେ ରହିଯାଇଛି। ଏଠାରେ ବାବୁ ମାନଙ୍କ ପାଦ ପଡେ ନାହିଁ କେବଳ ଭୋଟ ସମୟରେ ହିଁ ନେତା ମନ୍ତ୍ରୀଙ୍କ ପାଦ ପଡେ ଏବଂ ସେମାନଙ୍କୁ ନାନା ପ୍ରକାର ପ୍ରତିଶୃତି ଦିଅନ୍ତି, ଭୋଟ ସରିଗଲେ କାହାର ଦେଖା ମିଳେନି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଗ୍ରାମରେ ସରକାରଙ୍କ ମୌଳିକ ସୁବିଧା କହିଲେ କେବଳ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ପୋଷ୍ଟର ବ୍ୟାନର ପହଂଚି ପାରିଛି। ଏନେଇ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି ଗ୍ରାମବାସୀ, କିନ୍ତୁ କୌଣସି ସୁଫଳ ମିଳିନାହିଁ। ଯଦି ଆଗାମୀ ଦିନରେ ସରକାର ଗାଁ ପ୍ରତି ଦୃଷ୍ଟି ନଦିଅନ୍ତି ତାହେଲେ ଭୋଟ ବର୍ଜନ କରିବେ ବୋଲି କଡା ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନିର୍ବାଚନ ଓ ଭବିଷ୍ୟବାଣୀ...

କକଟରେ ଶେଷ ହୋଇଛି ଲୋକସଭା ନିର୍ବାଚନର ଚତୁର୍ଥ ଚରଣର ଭୋଟଦାନ। ଚତୁର୍ଥ ଚରଣରେ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ତେଲେଙ୍ଗାନା ସମେତ ଦଶଟି ରାଜ୍ୟର ସମୁଦାୟ ୯୬ଟି ଲୋକସଭା ସିଟ୍ ପାଇଁ ଭୋଟ ଦିଆଯାଇଛି । ଏବେ ଆଉ ତିନୋଟି ଚରଣରେ ନିର୍ବାଚନ ହେବାକୁ ବାକି ଅଛି । ୩୮୦ ସିଟ୍‌ରେ ନିର୍ବାଚନ ହେବା ପରେ ଏବେ ଏହାର ପରିଣାମକୁ ନେଇ ଅଲଗା ଅଲଗା ଭବିଷ୍ୟବାଣୀ କରାଯାଉଛି। ଏହା ମଧ୍ୟରେ 'ରାଜନୀତିର ଚାଣକ୍ୟ' ଭାବରେ ପରିଚିତ ପ୍ରଶାନ୍ତ କିଶୋର ବିଜେପି ଦଳକୁ ନେଇ ଏକ ବଡ଼ ଭବିଷ୍ୟବାଣୀ କରିଛନ୍ତି । ପ୍ରଶାନ୍ତ କିଶୋର ଲୋକସଭା ନିର୍ବାଚନରେ ଓଡ଼ିଶା, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶକୁ ନେଇ ଏହି ଭବିଷ୍ୟବାଣୀ କରିଛନ୍ତି। ଏହା ସହିତ ଉତ୍ତର ଓ ପଶ୍ଚିମ ଭାରତର ରାଜ୍ୟଗୁଡ଼ିକରେ ହେବାକୁ ଥିବା ନିର୍ବାଚନର ପରିଣାମକୁ ନେଇ ମଧ ଭବିଷ୍ୟବାଣୀ କରାଯାଇଛି । ତାଙ୍କ ଅନୁସାରେ ତେଲେଙ୍ଗାନା, ଓଡ଼ିଶା, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରେ ବିଜେପିର ସିଟ୍ ବୃଦ୍ଧି ପାଉଛି । ବିଜେପି ପୂର୍ବ ଓ ଦକ୍ଷିଣରେ ଆଗରୁ ପରମ୍ପରାଗତ ଭାବରେ ଦୁର୍ବଳ ରହିଥିବା ବେଳେ ଏ ସମୟରେ ଆଗରେ ରହିଛି। ଦକ୍ଷିଣ ଓ ପୂର୍ବ ଭାରତରେ ଦଳର ଭୋଟ୍ ସେୟାର୍ ଓ ସିଟ୍ ସେୟାର ଉଭୟ କ୍ଷେତ୍ରରେ ବୃଦ୍ଧି ହୋଇଛି। ଏପରିକି ତାମିଲନାଡୁରେ ମଧ ବିଜେପିର ଭୋଟ ସେୟାର୍ ବୃଦ୍ଧି ପାଇବ ବୋଲି ଆଶା ରହିଛି। ପ୍ରଶାନ୍ତ କିଶୋରଙ୍କ ଅନୁସାରେ ଉତ୍ତର ଓ ପଶ୍ଚିମ ଭାରତରେ ପୂର୍ବରୁ ସେହି ସ୍ଥାନଗୁଡ଼ିକ ବିଜେପିର ଗଡ଼ ହୋଇ ରହିଥିବାରୁ ବିଜେପି ଅଧିକ ସିଟ୍ ହାରିବାର ସମ୍ଭାବନା ନାହିଁ । ତେଣୁ ବିଜେପିର ସିଟ୍‌ରେ କୌଣସି ପ୍ରକାରର ବଡ଼ ପରିବର୍ତ୍ତନ ହେବାର ଦେଖିବାକୁ ମିଳୁନାହିଁ । ଲୋକସଭା ନିର୍ବାଚନର ପ୍ରାରମ୍ଭରେ ବିଗତ ମାସରେ ମଧ୍ୟ ବିଜେପି, ପଶ୍ଚିମବଙ୍ଗରେ ନମ୍ବର ୱାନ୍ ପାର୍ଟି ହୋଇପାରେ ବୋଲି ଦାବି କରିଥିଲେ। କାରଣ ବିଜେପି କିଛି ବର୍ଷ ହେଲା ଦକ୍ଷିଣ ଓ ପୂର୍ବ ଭାରତରେ ନିଜର ଉପସ୍ଥିତିକୁ ବୃଦ୍ଧି କରେଇବା ପାଇଁ କଠିନ ପରିଶ୍ରମ କରୁଛି । ଏଥର ପାର୍ଟିକୁ ଏହାର ଲାଭ ମିଳିପାରେ ବୋଲି ଦଳ ଆଶା ରଖୁଛି । କିଛି ଦିନ ପୂର୍ବରୁ ବିଜେପି ୩୭୦ଟି ସିଟ୍ ଜିତିବାର ସମ୍ଭାବନା ନାହିଁ ବୋଲି ସେ କହିଥିଲେ । କିନ୍ତୁ ଏ ସମୟରେ ସେ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶରେ ବିଜେପି ସଫଳ ହୋଇପାରେ ବୋଲି ଦୃଢ଼ ମତ ଦେଇଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡିଙ୍କ ପାଇଁ ସଭାକୁ ଫେରିବା ବହୁତ କଷ୍ଟକର ହୋଇଯିବ। କିନ୍ତୁ ପଶ୍ଚିମବଙ୍ଗରେ ବିଜେପିର ସଂଖ୍ୟା ବୃଦ୍ଧି ନେଇ ପ୍ରଶାନ୍ତ କୁମାର ଦାବି କରିଛନ୍ତି। ଏହା ସହିତ ବିଜେପି ଯେଉଁ ରାଜ୍ୟଗୁଡ଼ିକରେ ନିଜର ସ୍ଥିତି ପୂର୍ବରୁ ସୁଦୃଢ଼ କରି ରଖି ସେହି ସ୍ଥାନଗୁଡ଼ିକରେ ସିଟ୍ ହ୍ରାସ ହେବାର ସମ୍ଭାବନା ନାହିଁ । କିନ୍ତୁ ଯଦି ବିହାର, ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର କଥା ଆସେ ତେବେ ଏହି ରାଜ୍ୟଗୁଡ଼ିକରେ ଲୋକସଭାର ୧୧୭ଟି ସିଟ୍ ଅଛି। ଗତ ଲୋକସଭା ନିର୍ବାଚନରେ ଏନ୍‌ଡିଏକୁ ୭୭ଟି ସିଟ୍‌ରେ ସଫଳତା ମିଳିଥିଲା । ବିହାରରେ ୪୦ରୁ ୩୯ଟି ସିଟ୍‌ରେ ଏନ୍‌ଡିଏକୁ ବିଜୟ ପ୍ରାପ୍ତି ହୋଇଥିଲା। ସେହିପରି ପଶ୍ଚିମବଙ୍ଗକୁ ୪୨ଟି ସିଟ୍ ମଧ୍ୟରୁ ୧୮ଟି ସିଟ୍‌ରେ ବିଜେପିକୁ ସଫଳତା ମିଳିଥିଲା । ଏନ୍‌ଡିଏର ମିଶନ ୪୦୦କୁ ନେଇ ବିଜେପି ଏହି କ୍ଷେତ୍ରଗୁଡ଼ିକରେ ବିସ୍ତାର ଚାହୁଁଛି । ପ୍ରଶାନ୍ତ କିଶୋର ବିଶେଷ କରି ପଶ୍ଚିମବଙ୍ଗରେ ବିଜେପି ଦଳର ସଫଳତା ବିଷୟରେ କହିଛନ୍ତି। ବିଜେପି ଓ ଏନ୍‌ଡିଏ ପଶ୍ଚିମବଙ୍ଗରେ ୧୮ଟି ସିଟ୍‌ରେ ଜିତିବାର ଲକ୍ଷ୍ୟ ରଖିଥିବା ବେଳେ ଓଡ଼ିଶାରେ ଏହାର ସିଟ୍ ସଂଖ୍ୟା ବଢ଼ିବାର ଆଶା ରହିଛି । ତେଲେଙ୍ଗାନାରେ ମଧ ଏହି ସଂଖ୍ୟା ଦୁଇ ଅଙ୍କ ବିଶିଷ୍ଟ ହୋଇପାରେ। ଏହା ସତ୍ତ୍ୱେ ବି ସେ ରାଜନୀତି ଠାରୁ ଅଲଗା ହୋଇନାହାନ୍ତି କିମ୍ବା ଅନ୍ୟ କାହାକୁ ପାର୍ଟିର ଚେହେରା ହେବାକୁ ଦେଇନାହାନ୍ତି । ତେଣୁ ମୋ ନଜରରେ ସେ ଲୋକତାନ୍ତ୍ରିକ ନୁହନ୍ତି ବୋଲି କହିଛନ୍ତି ପ୍ରଶାନ୍ତ କିଶୋର । ତେଣୁ ଦଶ ବର୍ଷ ହେଲାଣି ସେ ଯେଉଁ କାର୍ଯ୍ୟରେ ଅସଫଳ ହୋଇଛନ୍ତି ସେଥିରୁ ବ୍ରେକ୍ ନେବା ଉଚିତ ବୋଲି ରାହୁଲଙ୍କୁ ପରାମର୍ଶ ଦିଆଯାଇଛି । ଏଥିପାଇଁ ଅନ୍ୟ କାହାକୁ ପାଞ୍ଚ ବର୍ଷ ପାଇଁ ନେତୃତ୍ୱ ଦେଇଦେବା ଉଚିତ। ତେବେ ପୂର୍ବ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହତ୍ୟା ପରେ ସୋନିଆ ଗାନ୍ଧୀ କିଛି ଦିନ ପାଇଁ ରାଜନୀତି ଠାରୁ ଦୂରରେ ରହି ଦଳର ନେତୃତ୍ୱ ପିଭି ନରସିଂହ ରାଓଙ୍କ ହାତରେ ଦେଇଥିଲେ। ଏହାର ପରିଣାମ ସମସ୍ତଙ୍କ ସମ୍ମୁଖରେ ଅଛି । ତେଣୁ କଂଗ୍ରେସର ଲଢ଼େଇ ଉତ୍ତରପ୍ରଦେଶ, ବିହାର ଓ ମଧ୍ୟପ୍ରଦେଶରେ ଥିବାରୁ ମଣିପୁର ଓ ମେଘାଳୟକୁ ପ୍ରଚାର କରିବା ପାଇଁ କଂଗ୍ରେସ ଦଳର ନେତାମାନେ ଯାଉଛନ୍ତି । ତେଣୁ ଯଦି ଏହି ତିନୋଟି ରାଜ୍ୟରେ କଂଗ୍ରେସ ବିଜୟୀ ହୋଇପାରୁ ନାହିଁ ତେବେ ୱାୟାନାଡରୁ ବିଜୟୀ ହୋଇ କୌଣସି ଲାଭ ମିଳିବ ନାହିଁ । କେବଳ କେରଳରେ ବିଜୟ ହାସଲ କଲେ ଦେଶକୁ ଜିତିପାରିବ ନାହିଁ କଂଗ୍ରେସ । ତେବେ ପୂରା ବିଶ୍ୱର ବଡ଼ ବଡ଼ ନେତାମାନେ ସେମାନଙ୍କର ବିଶେଷତା ବିଷୟରେ ଜାଣିଛନ୍ତି। ସେମାନେ ତାଙ୍କ ଭିତରେ ଥିବା ଅଭାବକୁ ଭଲ ଭାବରେ ଚିହ୍ନିଥାନ୍ତି। ସେମାନେ ଏହି ଅଭାବବୋଧକୁ ଠିକ୍ କରିବା ପାଇଁ ସବୁବେଳେ ଚେଷ୍ଟା କରୁଥାନ୍ତି। ତେଣୁ ଯଦି ଜଣେ ନିଜର ଆବଶ୍ୟକତାକୁ ଚିହ୍ନିପାରୁ ନାହିଁ ତେବେ ତାଙ୍କୁ କେହି ବି ହେଲେ ସାହାଯ୍ୟ କରିପାରିବେ ନାହିଁ । ଏହି ପରିପ୍ରେକ୍ଷୀରେ କଂଗ୍ରେସରେ ଏପରି ଜଣେ ବ୍ୟକ୍ତିଙ୍କର ଆବଶ୍ୟକତା ରହିଛି ଯିଏ ଠିକ୍ ଓ ଭୁଲ୍‌ର ବିଚାର କରିପାରିବାର କ୍ଷମତା ରଖୁଥିବେ । କିନ୍ତୁ ବର୍ତ୍ତମାନ ସମୟରେ ଏହା ସମ୍ଭବ ହେବା ପରି ମନେ ହେଉ ନାହିଁ। ବର୍ତ୍ତମାନ ସମଗ୍ର ଦେଶରେ ବିଜେପିର ପ୍ରଭାବ ରହିଛି କିନ୍ତୁ ବିପକ୍ଷ ପାଖରେ ମଧ ବିଜେପିର ରଥକୁ ରୋକିବାର ସମ୍ଭାବନାଗୁଡ଼ିଏ ରହିଛି।

# ପାଶ୍ଚାତ୍ୟ ସାହିତ୍ୟରେ ପ୍ରେମ



ଡକ୍ଟର ଲକ୍ଷ୍ମଣ ସାହୁ

ସାହିତ୍ୟ ଇତିହାସରେ ପ୍ରେମର ବିଷୟବସ୍ତୁ ନେଇ ବାରମ୍ବାର ଚର୍ଚ୍ଚା ହୋଇଆସୁଛି । ସାହିତ୍ୟରେ ପ୍ରେମ ହେଉଛି ଏକ ଆକର୍ଷଣୀୟ ବିଷୟ । କାରଣ ଅନ୍ୟ ଥିମ୍ ତୁଳନାରେ ପ୍ରେମ ଅନେକ ମୋଡ଼ ଦେଇ ବିଷୟବସ୍ତୁକୁ ଗତିଶୀଳ କରି ସମାପ୍ତିରେ ପହଞ୍ଚାଇ ଦେଇଥାଏ । ପାଶ୍ଚାତ୍ୟ ଗ୍ରୀକ୍ ଓ ରୋମାନ୍ ପୁରାଣ ପରି ସାହିତ୍ୟର ପ୍ରାରମ୍ଭିକ ମୂଳରେ ପ୍ରେମର ଉପସ୍ଥିତ ଥିଲା ଓ ଭିକ୍ଟୋରିଆନ୍ ଓ ସମସାମୟିକ ସମୟରେ ମଧ ଏହା ଜାରି ରହିଛି । ପ୍ରେମ ଅନନ୍ୟ ଅଟେ । କାରଣ ଏହା ଖୁବ୍ ଆକର୍ଷଣୀୟ ଓ ହୃଦୟସ୍ପର୍ଶୀ । ଯେତେବେଳେ ଏହା ବିଭିନ୍ନ ଶତାବ୍ଦୀ ଓ ବିଭିନ୍ନ ଦଶନ୍ଧି ଦେଇ ଗତି କରେ, ସେତେବେଳେ ମଧ ପ୍ରେମର ପୂର୍ବତ ଉପାଦାନଗୁଡ଼ିକ ସେଭଳି ସମାନ୍ତରାଳରେ ରୁହେ । ଏହା ସହିତ ସାହିତ୍ୟରେ ହିଂସା କିମ୍ବା ଦୁଃଖ ପରି ଅନ୍ୟ ବିଷୟବସ୍ତୁକୁ ପୂର୍ଣ୍ଣ କରିବା ପାଇଁ ସାହିତ୍ୟରେ ପ୍ରେମ ବ୍ୟବହୃତ ହୁଏ । ଯେହେତୁ ଏହା ଅନ୍ୟ ସମ୍ପର୍କୀୟ ବ୍ୟକ୍ତିବିଶେଷଙ୍କୁ ସାଧାରଣ ସ୍ଥାନ ଦେଇଥାଏ, ତେଣୁ ଏହା ବେଶ୍ ଉପଭୋଗ୍ୟ ଓ ଉପଯୋଗୀ । ସାହିତ୍ୟ ଅନେକ ଥର ଏକ ଅବାସ୍ତବ ଢଙ୍ଗରେ ପ୍ରେମ ପ୍ରଦର୍ଶନ କରେ । ସାଧାରଣତଃ ଏକ ଖୁସିର ସମାପ୍ତିକୁ ଚିତ୍ରଣ କରିଥାଏ । କିନ୍ତୁ କୁହାଯାଇଛି ଯେ ଲେଖକ ପାଠକଙ୍କୁ ଏକ ସଂପୂର୍ଣ୍ଣ ଦୁନିଆରେ ପ୍ରେମ କିପରି ଦେଖାଯିବ ତାହା ଦର୍ଶାଇବାକୁ ଇଚ୍ଛା କଲାବେଳେ ଏହା ସ୍ୱତଃ ପ୍ରବୃତ ଭାବରେ ଘଟିଥାଏ । ପ୍ରେମ ଏକ ଆତ୍ମିକ ଭାବନା ବିନା କାରଣରେ ହିଁ ଯାହା ସ୍ୱତଃ ସ୍ନେହୀ ।

ଏହା ମଧ କୁହାଯାଇଛି ଯେ ମଧ୍ୟଯୁଗୀୟ କବିମାନେ 'ପ୍ରେମ' ଶବ୍ଦ ବ୍ୟବହାର କରି 'ନୈତିକ ଓ ସାମାଜିକ ଘଟଣା ଯାହା ବନ୍ଧୁତା ଓ ନୈତିକତାର ବିକାଶ ସହିତ ଗଭୀର ଭାବରେ ଜଡ଼ିତ ଥିଲା' ବୋଲି ପରାମର୍ଶ ଦେଇଥିଲେ । ଦ୍ୱାଦଶ ଶତାବ୍ଦୀରେ ପ୍ରେମ (ଲିଙ୍ଗ) ଏକ ଭାବପ୍ରବଣ ଶକ୍ତି ମଧ୍ୟରେ ଏକ ବନ୍ଧନ ଭାବରେ ଅଧିକ ଦେଖାଯାଏ । ପରାମର୍ଶ ଦିଆଯାଇଛି ଯେ ଏହି ସମୟ ପର୍ଯ୍ୟନ୍ତ ଲେଖକମାନେ ପ୍ରେମକୁ ସେହି ସମୟର ଶତ୍ରୁମାନଙ୍କ ଠାରୁ ସ୍ୱାଧୀନତା ପ୍ରଦର୍ଶନ କରିବାର ଉପାୟ ଭାବରେ ବ୍ୟବହାର କରୁଥିଲେ । ଦର୍ଶାଇବାକୁ କହିଥିଲେ ଯେ ବର୍ତ୍ତମାନ ଏକ "ଅବକାଶ ଶ୍ରେଣୀ" ଅଛି, ଯିଏ ପ୍ରେମର ଭୋଗ ଉପଭୋଗ କରିପାରନ୍ତି । ଆଲୋଚନାର ଦୃଷ୍ଟି କେବଳ ପାଶ୍ଚାତ୍ୟ ସାହିତ୍ୟକୁ ଆଲୋଚନାରେ ପରିସର ଭୁକ୍ତ କରାଯାଇଛି ।

ୱିଲିୟମ୍ ସେକ୍ସପିୟର (୧୫୬୪-୧୬୧୬) ଜଣେ ଇଂରାଜୀ କବି ଓ ନାଟ୍ୟକାର ଥିଲେ । ଯିଏ ସମସ୍ତ କୋଣ ଅନୁକୋଣରେ ପ୍ରେମକୁ ବ୍ୟବହାର କରିଥିଲେ । ସେ ପରାମର୍ଶ ଦେଇଛନ୍ତି ଯେ ପ୍ରେମୀ ଯୁଗଳ ଓ ସମୟ କିମ୍ବା ଏହାର ଆଖପାଖ ଜଗତ ଦ୍ୱାରା ବନ୍ଧା ନୁହଁନ୍ତି । ସେ ତାଙ୍କର 'ମର୍ଚାଣ୍ଟ ଅଫ୍ ଭେନିସ'ରେ ଲେଖିଛନ୍ତି, ପ୍ରେମୀମାନେ ଘଣ୍ଟାଏ ପୂର୍ବରୁ ଦୌଡନ୍ତି । ଅଥଚ ଅନ୍ୟମାନେ ଭୁଲ୍ କରୁଥିବା ବେଳେ ଅନ୍ୟମାନେ ଯାହା ଭାବନ୍ତି ତାହା ସେମାନେ ଜାଣି ନାହାଁନ୍ତି । ରୋମିଓ ଓ ଜୁଲିଏଟ୍, ଦୁଇ ତାରକା କ୍ରସ୍ ପ୍ରେମୀଙ୍କ ମଧ୍ୟରେ ଏକ ପ୍ରେମ କାହାଣୀ, କ୍ଲାସିକ୍ ଦୁଃଖଦ ରୋମାନ୍ସ । କୁହାଯାଇଛି ଯେ ରୋମିଓ ଓ ଜୁଲିଏଟ୍ ହେଉଛି ସହ ଯୁବ ପ୍ରେମ ଓ ନିପାତ ପ୍ରେମର କାହାଣୀର ଚରମ ପ୍ରତୀକାତ୍ମକ ଉଦାହରଣ । ରୋମିଓ ଓ ଜୁଲିଏଟ୍‌ଙ୍କ ସହ ତାଙ୍କ ଦିନର ପାରମ୍ପାରିକ ନ୍ୟାୟାଳୟ ଦୃଷ୍ଟିକୋଣରୁ ସେକ୍ସପିୟର କୌତୁହଳପ୍ରଦ ଭାବରେ ଭାଙ୍ଗିଗଲା । ଯେହେତୁ ଜୁଲିଏଟ୍ "ଦିନର ନିୟମ" ପାଳନ କରନ୍ତି ନାହିଁ ଯେ ଜଣେ ମହିଳା ଲଜ୍ଜାଜନକ ଓ ନମ୍ର ହେବା ଉଚିତ୍। ବରଂ କେବଳ ଗୋଟିଏ ରାତି ପରସ୍ପରକୁ ଜାଣିବା ପରେ । ତେଣୁ ପରସ୍ପର ପ୍ରତି ଥିବା ପ୍ରେମକୁ ସ୍ୱୀକାର କରନ୍ତୁ ଓ ଶୀଘ୍ର ବିବାହ କରିବାକୁ ଯୋଜନା କରନ୍ତୁ । ଯଦିଓ ସେକ୍ସପିୟର ସର୍ବଦା ପ୍ରେମକୁ ପ୍ରଶଂସା କରିନଥିଲେ । ସେ କହିଥିଲେ ପ୍ରେମ କେବଳ ପାଗଳାମି ଛଡ଼ା ଆଉ କିଛି ନୁହେଁ।

ସେ ସମୟରେ ନ୍ୟୁୟର୍କ ପବ୍ଲିକ୍ ଲାଇବ୍ରେରୀ ସବୁ ସମୟର କିଛି ଭଲ ପ୍ରେମ କାହାଣୀର ଏକ ତାଲିକା ପ୍ରକାଶ କରିଛି । ସେସବୁ ଗୁଡ଼ିକ ହେଉଛି ଏହାର ଗୋଟିଏ ଗୋଟିଏ ନମୁନା । ଯାହା ପାଠକଙ୍କ ପାଇଁ ସଂକ୍ଷେପରେ ଏଠାରେ ଦର୍ଶାଇ ଦିଆଯାଇଛି । ୱାଟେରିଙ୍ଗ୍ ହାଇଟ୍ସ (ଏମିଲି ବ୍ରଣ୍ଟେ) ପ୍ରେମୀ ହେଥକ୍ଲିଫ୍ ଏବଂ କ୍ୟାଥରିନ୍ ଙ୍କ କାହାଣୀ। ସେମାନଙ୍କର ପ୍ରେମ କାହାଣୀକୁ ବର୍ଣ୍ଣନା କରାଯାଇଛି । ଯାହାକି ନିଜକୁ ଅନ୍ୟ ନିକଟରେ ଅସୁରକ୍ଷିତ ଭାବରେ ଦେବା ଓ ଏକ ସମ୍ପୂର୍ଣ୍ଣ ଆତ୍ମ କିମ୍ବା ପରିଚୟର ଭାବନା ହାସଲ କରିବା । ପରସ୍ପର ପାଇଁ ସର୍ବସମ୍ମତ ହେବା, ଯାହା ଦ୍ୱାରା ଦୁନିଆରେ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଏହିପରି ଚିରଦିନ ପରସ୍ପର ପାଇଁ ଭଲ ପାଇବା । 'ସେମାନଙ୍କୁ ପ୍ରାଣ ସାଥୀ ଭାବରେ ବର୍ଣ୍ଣନା କରାଯାଇଛି । ଯେହେତୁ କ୍ୟାଥରିନଙ୍କ ମୃତ୍ୟୁ ପରେ ହେଥକ୍ଲିଫ ଘୋଷଣା କରିଛନ୍ତି ଯେ ମୁଁ ମୋ ଆତ୍ମା ବିନା ବଞ୍ଚି ପାରିବି ନାହିଁ ।

ସେଭଳି ରୋମିଓ ଓ ଜୁଲିଏଟ୍ (ୱିଲିୟମ୍ ସେକ୍ସପିୟର) ନାଟକ ଏଠାରେ ପୁର୍ନବିଚାର କରାଯାଇପାରେ । ରୋମିଓ ଓ ଜୁଲିଏଟ୍ ୱିଲିୟମ୍ ସେକ୍ସପିୟରଙ୍କ ଦ୍ୱାରା ଲିଖିତ ଏକ ଦୁଃଖଦ ନାଟକର ନାୟକ ଓ ନାୟିକା । କାହାଣୀଟି ଇଟାଲୀର ଭେରୋନାରେ ସ୍ଥାପିତ ହୋଇଛି। ଯେଉଁଠାରେ ଦୁଇ ଉଡଗଡାକାରୀ ପରିବାର, ମୋଣ୍ଟାଗସ୍ ଏବଂ କ୍ୟାପୁଲେଟ୍ସ କ୍ରମାଗତ ବିବାଦରେ ଅଛନ୍ତି । ଚାଲିଥିବା ଶତ୍ରୁତା ସତ୍ତ୍ୱେ ରୋମିଓ, ମୋଣ୍ଟାଗ୍ ଓ କ୍ୟାପଲେଟ୍ ଜୁଲିଏଟ୍, ଏକ ମାସ୍କେଡ୍ ବଲ୍ରେ ଭେଟିବା ସମୟରେ ପରସ୍ପର ଗଭୀର ପ୍ରେମରେ ପଡିଥାନ୍ତି ।ପାରିବାରିକ କଳହ ହେତୁ ସେମାନଙ୍କ ପ୍ରେମ ନିଷେଧ । ତେଣୁ ସେମାନେ ଫ୍ରିୟାର ଲୈରେନ୍ସଙ୍କ ସାହାଯ୍ୟରେ ଗୁପ୍ତରେ ବିବାହ କରିବାକୁ ନିଷ୍ପତ୍ତି ନିଅନ୍ତି । ଅବଶ୍ୟ, ରୋମିଓଙ୍କ ବନ୍ଧୁ ମର୍କୁଟିଓ ଏବଂ ଜୁଲିଏଟ୍‌ଙ୍କ ସମ୍ପର୍କୀୟ ଭାଇ ଟାଇବାଲ୍ଟଙ୍କ ମଧ୍ୟରେ ଏକ ଗଳି ଝଗଡା ଆରମ୍ଭ ହେବାପରେ ସେମାନଙ୍କର ଯୋଜନା ବାଧାପ୍ରାପ୍ତ ହୋଇଥିଲା । ଫଳସ୍ୱରୂପ ଉଭୟ ମର୍କୁଟିଓ ଓ ଟାଇବାଲ୍‌ଙ୍କ ମୃତ୍ୟୁ ଘଟିଥିଲା । ରୋମିଓ ପ୍ରତିଶୋଧ ନେବାକୁ ଟାଇବଲ୍ଟଙ୍କୁ ହତ୍ୟା କଲା । ପରବର୍ତ୍ତୀ ସମୟରେ ପ୍ରିନ୍ସଙ୍କ ଦ୍ୱାରା ଭେରୋନାରୁ ତାଙ୍କୁ ବହିଷ୍କାର କରାଯାଇଥିଲା ।

ରୋମିଓ ଚାଲିଯିବା ପରେ ଜୁଲିଏଟ୍ କାଉଣ୍ଟ୍ ପ୍ୟାରିସ୍ ସହିତ ଏକ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ଏହି ଭାଗ୍ୟରୁ ରକ୍ଷା ପାଇବାକୁ ହତାଶ ହୋଇ ସେ ପୁଣି ଥରେ ଫ୍ରିୟାର ଲୈରେନ୍ସଙ୍କ ସାହାଯ୍ୟ ଲୋଡିଛନ୍ତି । ସେ ଜୁଲିଏଟ୍ ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି । ଯେଉଁଥିରେ ସେ ଏକ ପାତ୍ରରେ କିଛି ନିଶା ପାନୀୟ ପିଇ ସେ ଏକ ଗଭୀର ନିଦରେ ଶୋଇବେ ଯାହା ଦ୍ୱାରା ୪୨ ଘଣ୍ଟା ପାଇଁ ମୃତ୍ୟୁ ପରି ଦେଖାଯିବେ । ଏହି ଯୋଜନା ରୋମିଓଙ୍କ ପାଇଁ, ଯିଏ ଯୋଜନା ବିଷୟରେ ବର୍ଣ୍ଣନା କରି ନାହାଁନ୍ତି । ଜୁଲିଏଟ୍ ଜାଗ୍ରତ ହେବାପରେ ସେଠାରେ ରହିବେ ଓ ସେମାନେ ଏକତ୍ର ହୋଇପାରିବେ । ଦୁର୍ଭାଗ୍ୟବଶତଃ ଏହି ବାର୍ତ୍ତା ରୋମିଓରେ ପହଞ୍ଚେ ନାହିଁ, ଏବଂ ସେ ବିଶ୍ୱାସ କରନ୍ତି ଯେ ଜୁଲିଏଟ୍ ପ୍ରକୃତରେ ମୃତ୍ୟୁ ବରଣ କରିଛନ୍ତି ।

କାପୁଲେଟ୍ ପରିବାର ସମାଧିରେ ଜୁଲିଏଟ୍ ଜୀବନ୍ତ ଦେଖାଯିବା ପରେ, ରୋମିଓ ଦୁଃଖରେ ପରାଜିତ ହୋଇ ତାଙ୍କ ପାଖରେ ନିଜ ଜୀବନ ନେଇଗଲେ । ଜୁଲିଏଟ୍ ଖୁବ୍ ଶୀଘ୍ର ଜାଗ୍ରତ ହୁଏ ଓ ରୋମିଓଙ୍କ ମୃତ ଦେହ ଦେଖି ନିଜ ଜୀବନ ମଧ ନେବାକୁ ସ୍ଥିର କଲେ । ଯୁବକ ପ୍ରେମୀଙ୍କ ଦୁଃଖଦ ମୃତ୍ୟୁ ସେମାନଙ୍କ ପରିବାର ଓ ଭେରୋନା ସହରରେ ଚକିତ ଓ ଦୁଃଖର ସମ୍ମୁଖୀନ ହୋଇଛି ।

ରୋମିଓ ଓ ଜୁଲିଏଟ୍‌ଙ୍କ ଅକାଳ ବିୟୋଗ ମୋଣ୍ଟାଗ୍ ଓ କ୍ୟାପୁଲେଟ୍ ଉଡଗଡା ଶେଷ ହେବା ପାଇଁ ଏକ ଅନୁକ୍ରମଣିକା ଭାବରେ କାର୍ଯ୍ୟ କରେ । ଏହିପରି ଦୁଃଖଦ ଘଟଣା ପରେ ପରିବାରମାନେ ସମନ୍ୱୟ ରକ୍ଷା କରନ୍ତି । ଏହି ନାଟକ ରାଜକୁମାର ଏକ କ୍ଷମତା ଓ ଶକ୍ତିଶାଳୀ ଭାଷଣ ପ୍ରଦାନରେ ସମାପ୍ତ ହୋଇଛି । ଉଭୟ ପରିବାର ଦ୍ୱାରା ଅନୁଭବ ହୋଇଥିବା ପାରସ୍ପରିକ ଦୋଷ ଏବଂ ରୋମିଓ ଓ ଜୁଲିଏଟ୍‌ଙ୍କ ପ୍ରେମ ଓ ବଳିଦାନର ସ୍ଥାୟୀ ପ୍ରଭାବକୁ ଦର୍ଶାଉଛି । ରୋମିଓ ଓ ଜୁଲିଏଟ୍ ପ୍ରାୟତଃ ସର୍ବଦା ଲେଖାଯାଇଥିବା ସର୍ବଶ୍ରେଷ୍ଠ ପ୍ରେମ କାହାଣୀ ମଧ୍ୟରେ ବିବେଚନା କରାଯାଏ। ପ୍ରେମ, ଭାଗ୍ୟ, ଯୌବନ ଓ ଉଡଗଡା ଶକ୍ତିର ବିଷୟବସ୍ତୁ ଅନୁସନ୍ଧାନ କରେ । ବାସ୍ତବରେ ଏହି ନାଟକଟିକୁ ବହୁଳ ଭାବରେ ଅଧ୍ୟୟନ ଓ ପ୍ରଦର୍ଶନ କରାଯାଇଛି। ଏହାର କାବ୍ୟ ଶୈଳୀରେ ଭାଷା, ସ୍ମରଣୀୟ ଚରିତ୍ର ଓ ଦୁଃଖଦ, ବିଚ୍ଛେଦାତ୍ମକ କାହାଣୀ ସହିତ ଦର୍ଶକଙ୍କୁ ଆକର୍ଷିତ କରିଛି।

ସେଭଳି ବିଶ୍ୱବିଖ୍ୟାତ ଲେଖକ ଲିଓ ଟୋଲଷ୍ଟୟଙ୍କ 'ଆନ୍ନା କରିନା'ରେ ପ୍ରେମ ଅନେକ ଉପାୟରେ ବ୍ୟବହୃତ ହୋଇଥାଏ। କେନ୍ଦ୍ରୀୟ ଚରିତ୍ର ଜୀବନରେ ଏହା ଉଭୟ ସକରାତ୍ମକ ଓ ନକରାତ୍ମକ ଭାବରେ ବ୍ୟବହୃତ ହୁଏ। ଆନ୍ନା କରିନାଙ୍କ ବିବାହ ମଧ୍ୟରେ ପ୍ରେମ ନାହିଁ । ତେଣୁ ସେ ଏହାକୁ ଅନ୍ୟତ୍ର ଖୋଜନ୍ତି । ତେବେ ପରବର୍ତ୍ତୀ ସମୟରେ ସେ ଆତ୍ମହତ୍ୟା କରିବାର ଏହା ଏକମାତ୍ର କାରଣ ହୋଇଥାଏ । ଏଥିରେ ପରିବାର ପ୍ରତି ଥିବା ପ୍ରେମ ଓ ରୋମାଣ୍ଟିକ ପ୍ରେମ ମଧ୍ୟରେ ଦ୍ୱିମତ ମତଭେଦ ବିଷୟରେ ମଧ ଅନୁସନ୍ଧାନ କରେ ।

ଅନ୍ୟ ପକ୍ଷରେ ଲେଖକ ଜେନ ଆଷ୍ଟେନ ସେନ୍ସ ଓ ସେନ୍ସିବିଲିଟି ପ୍ରେମକୁ ବ୍ୟବହାର କଲେ । ଦର୍ଶାଇ ଦେଲେ ପ୍ରେମ କିଛି ଅସୁବିଧା ବିନା ଆସେ ନାହିଁ । ମୁଖ୍ୟତଃ ନାୟକମାନେ ନାୟିକାମାନଙ୍କ ସହିତ ଖୁସିର ପରି ସମାପ୍ତି ଶେଷ ହୋଇଥିବାବେଳେ, ସେମାନେ ପ୍ରେମ ପଛରେ ଅନେକ କିଛି ଦୁଃଖ ସହ୍ୟ କରିଥାନ୍ତି। ଜେନ ଆଷ୍ଟେନ ଗର୍ବ ଓ ପ୍ରାଧାନ୍ୟ ପ୍ରେମର ବିଷୟବସ୍ତୁକୁ ଅନୁସନ୍ଧାନ କରି ଦର୍ଶାଇଛନ୍ତି । ତାଙ୍କ ଦୃଷ୍ଟିରେ ପ୍ରେମ ସର୍ବଦା ବିବାହ ପାଇଁ ଏକ ପ୍ରାଥମିକ ଉପାଦାନ ନୁହେଁ । ଏହା ପରିବର୍ତ୍ତେ ଆଷ୍ଟେନ ମତ ଦିଅନ୍ତି ଯେ ପ୍ରେମ ହେଉଛି ଏକ 'ସୌଭାଗ୍ୟ' । ଏହା କେବେ କୌଣସି ବିବାହ ଉପରେ ଆଧାରିତ କିଛି ନୁହେଁ । ବରଂ ବିବାହ ଅର୍ଥନୈତିକ ଆବଶ୍ୟକତା ଉପରେ ନିର୍ଭରଶୀଳ । ସେ ତାଙ୍କର ଲେଖାରେ ଅହଂକାର, ଗର୍ବ ଓ କୁସଂସ୍କାରକୁ ମଧ ଉପସ୍ଥାପନା କରିଛନ୍ତି ।

ବାସ୍ତବରେ ଏକଥା ସତ୍ୟ ଯାହା ସର୍ବଭାରତୀୟ ସ୍ତରରେ ସ୍ୱୀକାର ହୋଇଛି 'ଜଣେ ଭଲ ଭାଗ୍ୟର ଅଧିକାରୀ ଥିବା ଜଣେ ବ୍ୟକ୍ତି ପତ୍ନୀ ଅଭାବରେ ରହିବା ଶ୍ରେୟସ୍କର...!!!


ଅଧକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪,
ମୋ: ୯୦୪୦ ୧୫୧୪୭୫


# ବିପଦ ସାଜୁଛି ମୋବାଇଲ ଫୋନ



ରବିନାରାୟଣ ପଟ୍ଟନାୟକ

ଆଗ ସମୟରେ ଫୋନ ତାରରେ ବନ୍ଧା ଥିଲା କିନ୍ତୁ ଆଶ୍ଚର୍ଯ୍ୟ ର କଥା ଆଜିର ସମୟରେ ମଣିଷ ମୋବାଇଲ ଫୋନ୍ ରେ ବନ୍ଧା ହେଇଛି ।ମଣିଷର ଅଭିନ୍ନ ଅଙ୍ଗ ହୋଇଛି କହିଲେ ଭୁଲ୍ ହେବନି । ଆଜିର ସମୟରେ ମୋବାଇଲ୍ ଫୋନ୍ ଲୋକମାନଙ୍କ ଦୈନନ୍ଦିନ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇସାରିଛି । କଥାବା ˊଠାରୁ ଆରମ୍ଭ କରି ବିଭିନ୍ନ ଆବଶ୍ୟକତା ପୂରଣ କରିବା ପର୍ଯ୍ୟନ୍ତ ସବୁ କାମ କରିବା ପାଇଁ ମୋବାଇଲ ଫୋନ୍ ଆବଶ୍ୟକତା ହୋଇଯାଇଛି । ମୋବାଇଲ ଫୋନ ବ୍ୟବହାର କରିକି ନିଜ ହାତ ପାହାନ୍ତାରେ ତ ସାରା ଦୁନିଆ ବିଷୟରେ ଜାଣିହେଉଛି କିନ୍ତୁ ଏହାର କୁପ୍ରଭାବ ମଣିଷ ନିଜ ଶରୀର ଉପରେ ପଡୁଛି ।ମୋବାଇଲ ଫୋନ୍ ଏତେ ମାତ୍ରାରେ ବ୍ୟବହାର କରିବା କାରଣ କୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ହେବାକୁ ଲାଗୁଛି ।ସବୁବେଳେ ମୋବାଇଲ ଫୋନ ବ୍ୟବହାର ଆଖି ଉପରେ କୁପ୍ରଭାବ ପଡ଼ିଥାଏ । ମଣିଷ ର ଆଖି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । କିନ୍ତୁ ମୋବାଇଲ ବହୁଳ ବ୍ୟବହାର କରିବା କାରଣ ରୁ ଆଖି ନଷ୍ଟ ହେବାର ସମ୍ଭାବନା ଥାଏ । ମୋବାଇଲ ଫୋନ ରୁ ଆସିଥିବା ନୀଳ ରଶ୍ମି ଆଖି ଉପରେ ପ୍ରଭାବ ପକାଇଥାଏ । ଆଖି ଉପରେ ଅଧିକ ପ୍ରଭାବ ପଡ଼ିବା ହେତୁ ମୁଣ୍ଡ ବ୍ୟଥା ମଧ ହୋଇଥାଏ ।

ମୋବାଇଲ ଫୋନ୍ ବ୍ୟବହାର ପଛର ଉଦ୍ଦେଶ୍ୟ ଥିଲା ନିଜ ଲୋକ ମାନଙ୍କ ପାଖରେ ସହଜରେ ଓ କମ୍ ସମୟ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିବା କିନ୍ତୁ ଆଜିର ସମୟରେ ଦେଖା ଯାଉଛି ଏହା ନିଜ ଲୋକଙ୍କ ମଧ୍ୟରେ ଦୂରତା ବଢ଼େଇଦଉଛି ।ମୋବାଇଲ ଫୋନରେ ଆସୁଥିବା ଭିଡିଓ,ଅଡିଓ,ବିଭିନ୍ନ ମନୋରଞ୍ଜନ ମୂଳକ ଜିନିଷ ରେ ମଜ୍ଜି ରହିବ କାରଣ ରୁ ପାଖରେ ଥିବା ଲୋକ ପାଖରେ ମଣିଷ ଦୂରେଇ ଯାଉଛି । ଏହା ମଣିଷ କୁ ନିଜ ଲୋକ ମାନଙ୍କ ପାଖରୁ ଦୂରେଇ ଦଉଛି ଯାହା ଫଳରେ କି ମଣିଷ ଏକୁଟିଆ ହୋଇଯାଉଛି ।ଏମିତି କି ଶୋଇବା ସମୟ ରେ ମଧ ଏହାର ବ୍ୟବହାର କରିବା କାରଣ ରୁ ଭଲ ନିଦ ହୁଏ ନାହିଁ ।ମୋବାଇଲ ଫୋନ୍ ରୁ ଆସୁଥିବା ଆଲୋକ ଆଖି ଉପରେ ପଡ଼ିବା କାରଣ ରୁ ଭଲ ନିଦ ହୁଏ ନାହିଁ ଭଲ ନିଦ ନ ହେବା କାରଣରୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ।ଫୋନ ବ୍ୟବହାର କରି ଦୁର୍ଘଟଣା ଘଟିବା ବ ˊମାନ ସାଧାରଣ କଥା ହୋଇଗଲାଣି ।ଗାଡ଼ି ଚଳେଇବା ସମୟରେ ସାମାନ୍ୟ ଅସାବଧାନତା ଯୋଗୁଁ ଦୁର୍ଘଟଣା ଘଟୁଛି ଯାହା ଫଳରେ କି ମୂଲ୍ୟବାନ ଜୀବନ ପଳାଉଛି ।

ମନୁଷ୍ୟ ନିକଟରେ ଚାପ ରହିଥାଏ କିନ୍ତୁ ଅତ୍ୟଧିକ ମୋବାଇଲ ଫୋନ୍ ? ବ୍ୟବହାର କରିବା ଦ୍ୱାରା ବି ଚାପ ବୃଦ୍ଧି ପାଇଥାଏ । ଇ ରନେଟରେ କିଛି ପଢିବା, ଅତ୍ୟଧିକ ଫୋନ ବ୍ୟବହାର କରିବା, ପର୍ଯ୍ୟାପ୍ତ ପରିମାଣରେ ନଶୋଇବା କାରଣରୁ ଚାପ ବୃଦ୍ଧି ପାଇଥାଏ ।ଛୋଟ ପିଲା ମାନେ ଅନେକ ପ୍ରକାର ଗେମ ମୋବାଇଲ ଫୋନ୍ ରେ ଖେଳୁଛନ୍ତି ।ଗେମେ ରେ ହେଉଥିବା କାଳ୍ପନିକକୁ ସେମାନେ ନିଜ ଜୀବନ ରେ ସତ କରିବାକୁ ଚେଷ୍ଟା କରୁଛନ୍ତି ଯାହା ଫଳରେ କି ନିଜ କ୍ଷତି କରିବସୁଛନ୍ତି ।ଏଥି ପ୍ରତି ପିତା ମାତା ସତର୍କ ହେବା ଉଚିତ୍ ।ଏହି କଥାରେ କେହି ଦୁଇ ମତ ହେବେ ନାହିଁ କି କିଛି ବର୍ଷ ତଳେ ଯେତେବେଳେ କିଛି ଖବର ପହ ।ଇବା ପାଇଁ ଆଗରୁ ସମୟ ଲାଗୁଥିଲା ତାହା ବ ˊମାନ ବହୁତ୍ କମ୍ ସମୟ ମଧ୍ୟରେ ସହଜରେ ପହˉ ପାରୁଛି କିନ୍ତୁ ଏହା ଆବଶ୍ୟକତା ଠାରୁ ଅଧିକ ବ୍ୟବହାର ଏହା କୁପ୍ରଭାବ ମଣିଷ ଜୀବନ ଉପରେ ପଡୁଛି ।


ଭୁବନେଶ୍ୱର
(ମୋ) ୯୯୩୮୧୧୩୨୨୬





## ଖରାର କାରଣ କଅଣ !!

ନିରଞ୍ଜନ ପତି

ଏହି ଖରାଦିନ ବିତିବିତା ମନ
ଗୁଳୁଗୁଳି ହୁଏ ପ୍ରବଳ,
ଘରେ ରହିବାକୁ ବାହାର ଯିବାକୁ
ଦେହ ଲାଗୁ ଅଛି ଦୁର୍ବଳ।

ସୂର୍ଯ୍ୟ ଶକ୍ତି କିଆଁ ଢାଳୁଛନ୍ତି ନିଆଁ
ଅସହ୍ୟ ଉତ୍ତାପ ଦିଅନ୍ତି,

କୃପାକରି ଅତି ଦେଇ ଖରା ତାତି
ତାତି ଅସମ୍ଭାଳ ଗରମ ପ୍ରବଳ
ଜଳ ଅଂଶ ଟାଣି ନିଅନ୍ତି।
କହିଦେଏ ବୋଉ ସୌର ଶକ୍ତି ଦାଉ
ଅସମ୍ଭାଳ ହୁଏ ନାହିଁକି !

ଭଗବାନ କହି ଅର୍ଘ୍ୟ ଦାନ ଦେଇ
ତୁମେ ତାଙ୍କୁ ପୂଜ କାହିଁକି ?
ବୋଉ ହସି ଧୀରେ କହିଲେ ଧନରେ
ରାଗୁ କିଆଁ ତାଙ୍କ ଉପରେ,
ସକଳ ଶକ୍ତିର ସୂର୍ଯ୍ୟ ତ ଆଧାର
ଆମ୍ଭେ ପୂଜୁ ଦେବ ରୂପରେ।

ଜଳ ଅଂଶ ଶୋଷି ନିଅନ୍ତି,
ନରଖି ପାଖରେ ଆମରି ସୁଖରେ
ବରଷା ବରଷି ଦିଅନ୍ତି।
ବିନା ସ୍ୱାର୍ଥେ ତାଙ୍କ ଉତ୍ତାପ ଆଲୋକ
ଦେଉଛନ୍ତି କେଉଁ କାଳରୁ,
ଏ ଉଦ୍ଭିଦ ଜୀବ ହୋଇଛି ସମ୍ଭବ
ସୃଷ୍ଟିର ଆରମ୍ଭ ବେଳରୁ।

ଯେବେ ବଡ଼ ହେବୁ ସବୁ ବୁଝି ଯିବୁ
ସୂର୍ଯ୍ୟଙ୍କର ଦାନ ଅମୂଲ୍ୟ,
ସୁଝି ପାରିବାନି ବୁଝି ପାରିବାନି
ଏହା ପ୍ରାକୃତିକ ଦୁର୍ମୂଲ୍ୟ।


ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ-୯୯୩୮୧୩୩୫୫୯


## ଜହ୍ନ ଆଲୁଅ

ପ୍ରଶାନ୍ତ ବ୍ରହ୍ମା

ଜହ୍ନରେ ଜହ୍ନ କାହିଁ ଯାଉଛୁ ରୁଷି ?
ଫେରିଆ ତୁ ଆଗ ଭଳି
ତୋ ବିନା ସବୁ ଅଧୁରା ଏ ଦୁନିଆ
ଦିଶେ ନାହିଁ ରାସ୍ତା ଗଳି।

ମାମୁ ବୋଲି ପରା ତୋର ପରିଚୟ
ସଭିଙ୍କ ପାଖରେ ଯାଇ
କିଏ ଅବା ନାହିଁ ଏହି ଦୁନିଆରେ
ତୋ ନାମ ନ ଗାଉ ଥାଇ।

ଜହ୍ନଟିଏ ହୋଇ ଆସୁଥାଉ ତୁହି
ପୁନେଇଁ କୁ ସଙ୍ଗେ ଧରି
ପୁନେଇଁ ଆସିଲେ ପରବ ଆସଇ
ହସ ଖୁସି ପଡେ ଝରି।

ଜହ୍ନରେ ଜହ୍ନ କାହିଁ ଯାଉଛୁ ରୁଷି
ଫେରିଆ ତୁ ଆଗ ଭଳି
ତୁ ନଥିଲେ ସବୁ ଅନ୍ଧାର ଦିଶଇ
ରାସ୍ତା ଘାଟ ସାହି ଗଳି।

ବାର ମାସ ବାର ଥର ଆସୁ ତୁହି
ଆଲୋକ କୁ ସଙ୍ଗେ ଧରି
ମଣିଷ ହେଉ ଅବା ପଶୁ ପକ୍ଷୀ
ପ୍ରିୟ ତୁ ଅଟୁ ସବୁରି।


ପଳାଶପୁର, ଖୋର୍ଦ୍ଧା


## ମତଦାନ

ସୁଶାନ୍ତ ରଣା



ପାଞ୍ଚ ବର୍ଷ ପାଇଁ ରାଜା ମୁଁ ବାଛିବି
ହୋଇ ହେ ନଗର ପ୍ରଜା
ବହୁ ମତଦାନ ପାଇବ ହେ ଯେହୁ
ହୋଇବେ ରାଜ୍ୟର ରାଜା ।

କାହାରି ଭୟରେ କାହାରି ଚାପରେ
ମଥା ମୋର ନଇଁବନି
କାହା ଟଙ୍କା ଧନ କାହା ପ୍ରଲୋଭନ
ମୋତେ ଛୁଇଁ ପାରିବନି ।

ଅଧିକାର ମୋର ଅବାଟେ ନ ଯାଉ
ଥିବି ହେ ସଦା ସତର୍କ
କାହା ନାଲି ଆଖି ଦେଖି ଡରିବିନି
ଲାଭ କି କରି ବିତର୍କ ?

ମୋ ଇଚ୍ଛାରେ ମୁଁ ଯେ ନେତାଙ୍କୁ
ବାଛିବି
ଲୋଡ଼ାନାହିଁ କାହା ଧନ
ଯୋଗ୍ୟ ପାଇଁ ଅଧିକାର ମୋ କରିବି
ସ୍ୱ-ଇଚ୍ଛାରେ ମତଦାନ ।


ତେରେସିଂହା, ଜି- କଳାହାଣ୍ଡି
ମୋ- ୭୮୯୪୬୫୮୨୭୪

# ବିବାହ କଥା ଶୁଣି ଜଳିଲେ ସୋନାକ୍ଷୀ ସିହ୍ନା: କହିଲେ ଏବେ ବି ମୁଁ ଅବିବାହିତ



ଏବେ 'ହିରାମଣ୍ଡି'ର ପୁରା ଷ୍ଟାର୍ କାଷ୍ଟ୍ 'ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ସୋ'ରେ ନଜର ଆସିଥିଲେ। ଏହି ସମୟରେ କପିଲ ଶର୍ମା ସୋନାକ୍ଷୀ ସିହ୍ନାଙ୍କୁ ବିବାହକୁ ନେଇ ଏକ ପ୍ରଶ୍ନ ପଚାରିଥିଲେ, ଯାହାକୁ ସେ ଏକ ମଜାଳିଆ ଢଙ୍ଗରେ ଉତ୍ତର ଦେଇଥିଲେ।

ଆଜିକାଲି ସଞ୍ଜୟ ଲୀଳା ଭଂସାଲୀଙ୍କ ୱେବ୍ ସିରିଜ୍ 'ହିରାମଣ୍ଡି: ଦ ଡାଏମଣ୍ଡ୍ ବଜାର' ଓଟିଟି ନେଟ୍‌ଫ୍ଲିକ୍ସରେ ଧମାଲ୍ ସୃଷ୍ଟି କରୁଛି। ଏଥିରେ ମନୀଷା କୋଇରାଲା, ଅଦିତି ରାଓ ହୈଦରୀ, ରୁଚା ଚଡ୍‌ଢା, ସୋନାକ୍ଷୀ ସିହ୍ନା, ସଞ୍ଜୀଦା ଶେଖ ଏବଂ ଶର୍ମିନ୍ ସେହଗଲଙ୍କ ଭଳି ତାରକାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏବେ ଏହି ସିରିଜ୍‌ର ପୁରା ଷ୍ଟାର୍ କାଷ୍ଟ୍ 'ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ସୋ'ରେ ନଜର ଆସିଥିଲେ। ଏହି ସମୟରେ କପିଲ ଶର୍ମା ସୋନାକ୍ଷୀ ସିହ୍ନାଙ୍କୁ ବିବାହକୁ ନେଇ ଏକ ପ୍ରଶ୍ନ ପଚାରିଥିଲେ, ଯାହାକୁ ସେ ଏକ ମଜାଳିଆ ଢଙ୍ଗରେ ଉତ୍ତର ଦେଇଥିଲେ।

କପିଲ ଶର୍ମା ଏହି ଶୋ'ରେ ସୋନାକ୍ଷୀ ସିହ୍ନାଙ୍କୁ କହୁଛନ୍ତି, ଆଲିଆ ଭଟ୍ଟ ବିବାହ କରିଲେଣି, କିୟାରା ଆଡ୍‌ଭାନୀ ବିବାହ କଲେଣି, ଏହା ପରେ ସେ କଥାକୁ ବୁଲେଇ ଦିଅନ୍ତି ଆଉ କୁହନ୍ତି 'ହିରାମାଣ୍ଡିରେ ଆପଣଙ୍କ ଚରିତ୍ର ଏକ ନକାରାତ୍ମକ ନା ସକାରାତ୍ମକ' ଏହା ଶୁଣି ସୋନାକ୍ଷୀ ହସି ହସି ବେଦମ ହୋଇଯାଆନ୍ତି।

ଏହା ପରେ ସୋନାକ୍ଷୀ କୁହନ୍ତି, 'ଆପଣ କ୍ଷତରେ ଲୁଣ ମିଶାଉଛନ୍ତି। ହିରାମଣ୍ଡି ମଧ୍ୟ ଶେଷ ହୋଇଗଲା କିନ୍ତୁ ମୋର ବିବାହ ହେଲାନି। ଶର୍ମିନ୍ ମଧ୍ୟ ବିବାହ କରିସାରିଲେଣି।' ଏହା ପରେ ମନୀଷା କୋଇରାଲା କୁହନ୍ତି, 'ରୁଚା ମଧ୍ୟ ବିବାହ କରିସାରିଲେଣି ଏବଂ ବର୍ତ୍ତମାନ ସେ ଗର୍ଭବତୀ ଅଛନ୍ତି।'

ଏହି ଶୋ'ରେ ରୁଚା ଚଡ୍‌ଢା 'ହିରାମଣ୍ଡି: ଦ ଡାଏମଣ୍ଡ୍ ବଜାର' ସୁଟିଂ ପରେ ତାଙ୍କ ବିବାହକୁ ନେଇ କହିଥିଲେ। ସେ କହିଥିଲେ, "ମୋର ଭଲ ଅଭ୍ୟାସ ହୋଇଯାଇଥିଲା। ମୋ କଷ୍ଟ୍ୟୁମ୍‌ର ଓଜନ ୩୦ କିଲୋଗ୍ରାମ ଥିଲା। ତା'ପରେ ଯେତେବେଳେ ମୁଁ ବିବାହ ପୋଷାକ ପିନ୍ଧିଥିଲି, ଏହାର ଆଦୌ ଓଜନ ନ ଥିଲା। ଆରାମରେ ନାଚ, ଡିଅଁ ଗାଅ କିଛି ବି ଫରକ ପଡିବନି।"

ପ୍ରକାଶଥାଉ ଯେ ଶର୍ମିନ ସେହଗଲ ଗତ ବର୍ଷ ନଭେମ୍ବର ମାସରେ ଅମାନ ମେହେଟ୍ଟାଙ୍କୁ ବିବାହ କରିଥିଲେ। ଶର୍ମିନ ହେଉଛନ୍ତି ସଞ୍ଜୟ ଲୀଳା ଭଂସାଲୀଙ୍କ ଭାଣିଜୀ ଏବଂ ସେ 'ହିରାମଣ୍ଡି'ରେ ମଲ୍ଲିକାଜାନଙ୍କ ଝିଅ ଆଲମଜେବ ଭୂମିକାରେ ଅଭିନୟ କରିଛନ୍ତି।

ସେହିପରି ରୁଆ ଚଡ୍‌ଢା ୨୦୨୨ ମସିହାରେ ତାଙ୍କ ପ୍ରେମିକ ଅଲି ଫଜଲଙ୍କୁ ବିବାହ କରିଥିଲେ। ଆଜିକାଲି ସେ ତାଙ୍କ ପ୍ରେଗ୍ନେସୀକୁ ଖୁବ୍ ଉପଭୋଗ କରୁଛନ୍ତି। ଫେବୃଆରୀ ୨୦୨୪ରେ ଅଲି ଏବଂ ରିଚା କହିଥିଲେ ଯେ ସେମାନେ ବାପାମାଆ ହେବାକୁ ଯାଉଛନ୍ତି। ଏହି ଯୋଡି ସେମାନଙ୍କର ପ୍ରଥମ ସନ୍ତାନକୁ ଖୁବ ଶୀଘ୍ର ସ୍ୱାଗତ କରିବେ।

# ନଣ୍ଡା ହୋଇଗଲେ ଉର୍ଫି; ଲୋକେ କହିଲେ ସିଝା ଅଣ୍ଡା ଭଳି ଲାଗୁଛି



ସୋସିଆଲ ମିଡିଆ ସେନ୍‌ସେସ୍ ଉର୍ଫି ଜାଭେଦ ପୁଣିଥରେ ତାଙ୍କ ଚେହେରା ଦ୍ୱାରା ଲୋକଙ୍କୁ ଚକିତ କରିଛନ୍ତି। ଏଥର ସେ ଏମିତି କିଛି କରିଛନ୍ତି ଯାହାକୁ ଦେଖି ଯେକେହି ବି ଆଶ୍ଚର୍ଯ୍ୟ ହେବ। ତାଙ୍କ ପ୍ରଶଂସକମାନେ ତ ଭାବୁଛନ୍ତି ସେମାନେ ବୋଧହୁଏ ସ୍ୱପ୍ନ ଦେଖୁଛନ୍ତି।

ସୋସିଆଲ ମିଡିଆ ସେନ୍‌ସେସ୍ ଉର୍ଫି ଜାଭେଦ ପୁଣିଥରେ ତାଙ୍କ ଚେହେରା ଦ୍ୱାରା ଲୋକଙ୍କୁ ଚକିତ କରିଛନ୍ତି। ଏଥର ସେ ଏମିତି କିଛି କରିଛନ୍ତି ଯାହାକୁ ଦେଖି ଯେକେହି ବି ଆଶ୍ଚର୍ଯ୍ୟ ହେବ। ତାଙ୍କ ପ୍ରଶଂସକମାନେ ତ ଭାବୁଛନ୍ତି ସେମାନେ ବୋଧହୁଏ ସ୍ୱପ୍ନ ଦେଖୁଛନ୍ତି। ଉର୍ଫିଙ୍କ ଏହି ନୂଆ ଲୁକ୍‌କୁ ବିଶ୍ୱାସ କରିବା କଷ୍ଟକର। ଏଥର ତାଙ୍କର ଅବସ୍ଥା ସଂପୂର୍ଣ୍ଣ ବଦଳି ଯାଇଛି। ବର୍ତ୍ତମାନ ସେ କୌଣସି ପ୍ରକାରର ପ୍ଲାଷ୍ଟିକ୍ ସର୍ଜରୀ କରିନାହାଁନ୍ତି, ଏହା ସତ୍ତ୍ୱେ ସେ ପୂର୍ବଠାରୁ ସମ୍ପୂର୍ଣ୍ଣ ଭିନ୍ନ ଦେଖାଯାଉଛନ୍ତି। ଏହି ଫଟୋରେ ଉର୍ଫି ନଣ୍ଡା ହୋଇଛନ୍ତି। ଏହି ଫଟୋ ଦେଖିବା ପରେ ପ୍ରଶଂସକମାନେ ସମ୍ପୂର୍ଣ୍ଣ ଚକିତ ହୋଇଯାଇଛନ୍ତି। ତାଙ୍କର ଏହି ଫଟୋ ଇଣ୍ଟରନେଟ୍‌ରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହି ଭାଇରାଲ୍ ଫଟୋରେ ଉର୍ଫି କାର୍ ସିଟ୍ ଉପରେ ବସି ଏକ ସେଲଫି ନେଉଛନ୍ତି ଏବଂ ତାଙ୍କ ନଣ୍ଡା ଲୁକ୍‌କୁ ଦେଖାଉଛନ୍ତି। ଏଥିରେ ସେ କୌଣସି ବୋଲ୍ଡ ଡ୍ରେସ୍ ପିନ୍ଧି ନାହାନ୍ତି। ସେ ଏକ ସରଳ ଟ୍ୟାଙ୍କ୍ ଟପ୍ ପିନ୍ଧିଛନ୍ତି କିନ୍ତୁ ଏହି ଫଟୋରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ଜିନିଷ ହେଉଛି ଉର୍ଫିଙ୍କ ଚୁଟି। ତେବେ ସେ କାହିଁକି ହଠାତ୍ ନିଜ ଚୁଟି ସହିତ ଏମିତି କଲେ ବୋଲି ପ୍ରଶଂସକମାନେ ଚିନ୍ତାରେ ପଡିଯାଇଛନ୍ତି। ତେବେ ଉର୍ଫି ଜାଭେଦଙ୍କ ଏହି ନଣ୍ଡା ଅବତାର ଦେଖି ଲୋକମାନେ କମେଣ୍ଟ ଦେବାକୁ ନିଜକୁ ଅଟକାଇ ପାରୁ ନାହାନ୍ତି। କେହି କେହି ତାଙ୍କୁ ପରିହାସ କରୁଛନ୍ତି ତ ଆଉ କେହି ତାଙ୍କ ବିଷୟରେ ଚିନ୍ତିତ ହୋଇପଡିଛନ୍ତି। ଅନେକ ମଧ୍ୟ ତାଙ୍କର ଏହି ରୂପକୁ ଖୁବ ପସନ୍ଦ କରୁଛନ୍ତି। ଆଉ ଜଣେ ଲେଖିଛନ୍ତି, 'ହେ ପ୍ରଭୁ, ଏ କ'ଣ ହେଲା? ଏହା କିପରି ହେଲା?' ଆଉ ଜଣେ ଲେଖିଛନ୍ତି, 'ଆଜି ଜଣାପଡିଲା, ଉର୍ଫିଙ୍କର ଭଉଣୀ ଅଛି'। ଆଉ କେହି କହିଛନ୍ତି 'ସିଝା ଅଣ୍ଡା ଭଳି ଲାଗୁଛି'। ଏହାରି ଭିତରେ ତାଙ୍କର ଜଣେ ଫ୍ୟାନ୍ ଲେଖିଛନ୍ତି, 'ଉର୍ଫିଙ୍କ ପାଖରେ ସାହସ ଅଛି।' ଅନ୍ୟ ଜଣେ ପ୍ରଶ୍ନ କରିଛନ୍ତି, 'ଏ କେମିତିଆ ଫ୍ୟାସନ?'

# ରଣବୀରଙ୍କ 'ରାମାୟଣ'ର ବଜେଟ୍ ଶୁଣିଲେ ଉଡିଯିବ ହୋସ୍; ଜାଣନ୍ତୁ କେତେ କୋଟି ଖର୍ଚ୍ଚ

ଫିଲ୍ମ 'ରାମାୟଣ' ରିଲିଜ୍ ହେବା ପୂର୍ବରୁ ଏକ ନୂଆ ରେକର୍ଡ ସୃଷ୍ଟି କରିସାରିଛି। ଏହି ପୌରାଣିକ ଫିଲ୍ମ 'ରାମାୟଣ: ପାର୍ଟ ୧'ର ବଜେଟ୍ ୧୦୦ମିଲିୟନ୍ ଆମେରିକୀୟ ଡଲାର ଅର୍ଥାତ୍ ୮୩୫ କୋଟି ଟଙ୍କା ହେବ। ନୀତେଶ ତିୱାରୀଙ୍କ ନିର୍ଦ୍ଦେଶନାରେ ହେଉଥିବା ଫିଲ୍ମ 'ରାମାୟଣ'କୁ ନେଇ ଏବେ ଚାରିଆଡେ ଚର୍ଚ୍ଚା। ଫିଲ୍ମର ସେଟ୍‌ରୁ ଫଟୋ ଏବଂ ଭିଡିଓ ଲିକ୍ ହେଉଛି। ଏହି ଫଟୋ ଏବଂ ଭିଡିଓ ଦେଖି ଲୋକମାନେ ପୂର୍ବ ଅପେକ୍ଷା ଅଧିକ ଉତ୍ସାହିତ ହେଉଛନ୍ତି। ଫିଲ୍ମଟି ରିଲିଜ୍ ହେବା ପୂର୍ବରୁ ଏକ ନୂଆ ରେକର୍ଡ ସୃଷ୍ଟି କରିସାରିଛି। ଏହି ଫିଲ୍ମରେ ରଣବୀର କପୁର ଏବଂ ସାଇ ପଲ୍ଲଭୀ ରାମ ଏବଂ ସୀତା ଭୂମିକାରେ ନଜର ଆସିବେ। ଏହି ଫିଲ୍ମଟି ଭାରତରେ ନିର୍ମିତ ସବୁଠୁ ଦାମୀ ଫିଲ୍ମ ତାଲିକାରେ ସାମିଲ ହୋଇସାରିଛି। ଏହି ପୌରାଣିକ ଫିଲ୍ମ 'ରାମାୟଣ: ପାର୍ଟ ୧'ର ବଜେଟ୍ ୧୦୦ମିଲିୟନ୍ ଆମେରିକୀୟ ଡଲାର ଅର୍ଥାତ୍ ୮୩୫ କୋଟି ଟଙ୍କା ହେବ। ଏହି ଫିଲ୍ମ ସହିତ ଜଡିତ ଜଣେ ବ୍ୟକ୍ତି ପ୍ରକାଶ କରିଛନ୍ତି ଯେ ନିର୍ମାତା ଏହି ଫିଲ୍ମକୁ ଆନ୍ତର୍ଜାତୀୟ ସ୍ତରରେ ନିର୍ମାଣ କରୁଛନ୍ତି। ଏଥିପାଇଁ ଆନୁମାନିକ ମେଗା ବଜେଟ୍ ୮୩୫ କୋଟି ଟଙ୍କା ସ୍ଥିର କରାଯାଇଛି। ସୂତ୍ରରୁ ପ୍ରକାଶ ଯେ, 'ରାମାୟଣ' ଫ୍ରାଞ୍ଚାଇଜ୍‌ରେ ପାଣି ପରି ଟଙ୍କା ଖର୍ଚ୍ଚ କରିବାକୁ ନାମିତ ମଲହୋତ୍ରା ପ୍ରସ୍ତୁତ ଅଛନ୍ତି। କୁହାଯାଇଛି ଯେ ଏହା ଏପରି ଏକ ଫିଲ୍ମ ହେବ ଯାହାର ଭିଜୁଆଲ୍ ଇଫେକ୍ଟ ଦର୍ଶକଙ୍କୁ ବହୁତ ପ୍ରଭାବିତ କରିବ। ୨୦୨୨ ବ୍ଲକ୍‌ବଷ୍ଟର 'ବ୍ରହ୍ମାସ୍ତ୍ର'ରେ ରଣବୀର କପୁର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଚଳଚ୍ଚିତ୍ରର ବଜେଟ୍ ଥିଲା ୪୫୦ କୋଟି ଟଙ୍କା। ଚଳଚ୍ଚିତ୍ରଟି ବଜେଟ୍ ଠାରୁ ଅଧିକ ରୋଜଗାର କରିଥିଲା। ଏବେ ରଣବୀର 'ରାମାୟଣ' ସହିତ ହିନ୍ଦୀ ସିନେମା ପାଇଁ ଏକ ନୂଆ ଟ୍ରେଣ୍ଡ୍ ସୃଷ୍ଟି କରିବାକୁ ଯାଉଛନ୍ତି। 'ଜଜଜ', 'ଆଦିପୁରୁଷ' ଏବଂ 'କଲ୍କୀ ୨୮୯୮ଏଡି' ଭଳି ଫିଲ୍ମର ବଜେଟ୍ ପାଖାପାଖି ୫୦୦କୋଟିରେ ସୀମିତି ଥିବାବେଳେ 'ରାମାୟଣ' ସେସବୁର ରେକର୍ଡ ଭାଙ୍ଗିଛି। ରିପୋର୍ଟ ଅନୁଯାୟୀ, ଫିଲ୍ମର ପୋଷ୍ଟ ପ୍ରଡକ୍ସନ୍ କାମ ୬୦୦ ଦିନ ଲାଗିବ। ଗତ ମାସରୁ ଫିଲ୍ମର ସୁଟିଂ ଆରମ୍ଭ ହୋଇଛି। ଏହି ଫିଲ୍ମ ୨୦୨୬ରେ ମୁକ୍ତିଲାଭ କରିବ ବୋଲି ଜଣାପଡିଛି।



# ରହମାନ କହିଲେ ମନର କଥା, ବଖାଣିଲେ ପୁରୁଣା ଦିନର ଦୁଃଖ କାହାଣୀ

ଏ.ଆର ରେହମାନଙ୍କୁ ଆଜି କିଏ ବା ନଜାଣେ । କେବଳ ଭାରତ କାହିଁକି ପୂରା ବିଶ୍ୱରେ ଆଜି ସେ ନିଜର ସଙ୍ଗୀତ ପାଇଁ ପରିଚିତ । କିନ୍ତୁ ତାଙ୍କର ସଙ୍ଗୀତ ସାଧନା ଏତେ ସହଜ ନଥିଲା । ବର୍ଷ ବର୍ଷ ଧରି ନିରନ୍ତର କଠିନ ପରିଶ୍ରମ, ତ୍ୟାଗ ଆଜି ତାଙ୍କୁ ଏପରି ସ୍ତରରେ ଆଣି ପହଞ୍ଚାଇଛି ।



ଏ.ଆର.ରେହମାନଙ୍କୁ ଆଜି କିଏ ବା ନଜାଣେ । କେବଳ ଭାରତ କାହିଁକି ପୂରା ବିଶ୍ୱରେ ଆଜି ସେ ନିଜର ସଙ୍ଗୀତ ପାଇଁ ପରିଚିତ । କିନ୍ତୁ ତାଙ୍କର ସଙ୍ଗୀତ ସାଧନା ଏତେ ସହଜ ନଥିଲା । ବର୍ଷ ବର୍ଷ ଧରି ନିରନ୍ତର କଠିନ ପରିଶ୍ରମ, ତ୍ୟାଗ ଆଜି ତାଙ୍କୁ ଏପରି ସ୍ତରରେ ଆଣି ପହଞ୍ଚାଇଛି । ସମୟ ଥିଲା ଯେତେବେଳେ ତାଙ୍କୁ ନିଜର ଷ୍ଟୁଡ଼ିଓ କୋଲିବାକୁ ଗୁରୁତର ଭାବେ ଆର୍ଥିକ ସଙ୍କଟର ସାମ୍ନା କରିବାକୁ ପଡ଼ିଥିଲା । ଏତେ ବର୍ଷର ସଂଘର୍ଷ ଓ ସାଧନା ବଳରେ ଆଜି ସେ ଏପରି ସ୍ତରରେ ପହଞ୍ଚି ପାରିଛନ୍ତି । ସର୍ବୋଚ୍ଚ ସମ୍ମାନ ଓସ୍କାର୍ ପର୍ଯ୍ୟନ୍ତ ଯାଇପାରିଛନ୍ତି । ତେବେ ତାଙ୍କର ଏପରି ସଫଳତା ପଛରେ ଏ.ଆର.ଙ୍କର ଯେତିକି ହାତ ରହିଛି ତାଙ୍କ ମାଆଙ୍କର ମଧ୍ୟ ସେତିକି ହାତ ରହିଛି । ଆପଣ ଜାଣିନଥିବେ, ନିଜ ଗହଣା ବିକି ସେ ରହମାନଙ୍କର ଷ୍ଟୁଡ଼ିଓ ପାଇଁ ଟଙ୍କା ଯୋଗାଡ଼ କରିଥିଲେ । ନିକଟରେ ନେଟଫ୍ଲିକ୍ସରେ ଏକ ସାକ୍ଷାତକାରରେ ଏହି ମ୍ୟୁଜିକ୍ ମାଏଷ୍ଟ୍ରୋ ଏନେଇ ପ୍ରକାଶ କରିଛନ୍ତି । ଷ୍ଟୁଡିଓ ପାଇଁ ତାଙ୍କର ପ୍ରଥମ ଯନ୍ତ୍ରପାତି କିଣିବାରେ ତାଙ୍କ ମାଆଙ୍କୁ ଅଳଙ୍କାର ବିକ୍ରୟ କରିବାକୁ ପଡିଥିଲା ବୋଲି ସେ କହିଛନ୍ତି । ନିକଟରେ ମୁକ୍ତିଲାଭ କରିଥିବା ଅମର ସିଂ ଚମକିଲାର ନିର୍ଦ୍ଦେଶକ ଇମତିଆଜ୍ ଅଲ୍ଲୀଙ୍କ ସହ ଗାୟକ ମୋହିତ୍ ଚୌହାନ୍ ଏବଂ ଗୀତିକାର ଇର୍ଶାଦ କାମିଲଙ୍କ ସହ ବାର୍ତ୍ତାଳାପ ସମୟରେ ନିଜର କଷ୍ଟ ଓ ସଂଘର୍ଷ ବିଷୟରେ କହିଛନ୍ତି । ନିଜର ସଂଘର୍ଷପୂର୍ଣ୍ଣ ଦିନମାନଙ୍କରେ ତାଙ୍କ ପରିବାର ତାଙ୍କୁ କିପରି ସାହାଯ୍ୟ କରିଥିଲା ରହମାନ କହଥିଲେ । ଯେତେବେଳେ ଷ୍ଟୁଡିଓ ଆରମ୍ଭ କରିବାକୁ ଯାଉଥିଲି, ସେତେବେଳେ ମୋ ପାଖରେ ଟଙ୍କା ନଥିଲା । ଏମ୍ପ୍ଲିଫାୟର୍ କିମ୍ବା ଇକ୍ୱାଲାଇଜର୍ କିଣିବାକୁ ଟଙ୍କା ନଥିଲା । ଷ୍ଟୁଡ଼ିଓରେ କେବଳ ଗୋଟିଏ ମାତ୍ର ଏସି, ଥାକ ଓ କାର୍ପେଟ ଥିଲା । ଅନ୍ୟ କୌଣସି ଯନ୍ତ୍ରପାତି କିଣିବାକୁ ପଇସା ନଥିଲା। ସେହି ସମୟରେ ମୋର ମାଆ ନିଜ ଗହଣା ବିକ୍ରି କରି ମୋତେ ଟଙ୍କା ଦେଇଥିଲେ ବୋଲି ରହମାନ କହିଛନ୍ତି । ସେତେବେଳେ ମୁଁ ନିଜକୁ ସଶକ୍ତ ଅନୁଭବ କଲି । ତାପରେ ଗୋଟିଏ ମୁହୂର୍ତ୍ତରେ ମୁଁ ବଦଳିଗଲି ବୋଲି କହିଛନ୍ତି ରହମାନ । ଏହା ସହ ସେ କହିଥିଲେ ଯେ, ସେ କଲେଜ ଯାଇ ନାହାଁନ୍ତି । ଗୋଟେ ସମୟ ଥିଲା ଯେତେବେଳେ ସବୁକିଛି ହରାଇବା ପରି ଲାଗୁଥିଲା । ୧୨ ବର୍ଷ ବେଳେ ମୁଁ ୪୦-୫୦ ବର୍ଷର ଲୋକଙ୍କ ସହ ମିଶୁଥିଲି । ଏହା ବିରକ୍ତ କରୁଥିଲା ବୋଲି ସେ କହିଛନ୍ତି ।

# କର୍କଟ ରୋଗରେ ପୀଡ଼ିତ ହେଲେ ବିବାଦୀୟ ରାଣୀ ରାଖି ସାୱନ୍ତ



କର୍କଟ ରୋଗରେ ପୀଡ଼ିତ ହେଲେ ବିବାଦୀୟ ରାଣୀ ରାଖି ସାୱନ୍ତ। ପୂର୍ବତନ ସ୍ୱାମୀ ରିତେଶ ରାଜ୍ ସିଂହ ଦେଲେ ସୂଚନା। ଗର୍ଭାଶୟରେ ଟ୍ୟୁମର ହୋଇଥିବାରୁ ଡାକ୍ତର କର୍କଟ ହୋଇଥିବା ନେଇ ଆଶଙ୍କା କରୁଥିବା କହିଛନ୍ତି ରିତେଶ। ସବୁବେଳେ ବିବାଦରେ ରହିବାକୁ ପସନ୍ଦ କରୁଥିବା ରାଖି ସାୱନ୍ତ ଗତ କିଛି ଦିନ ହେବ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଥିଲେ। ନିଜ ଦ୍ୱିତୀୟ ସ୍ୱାମୀଙ୍କ ସହ ତାଙ୍କ ବିବାଦକୁ ନେଇ ଗତ କିଛି ମାସ ହେବ ଚର୍ଚ୍ଚାରେ ରହିଥିବା ରାଖି ଏବେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ସାମ୍ନାକୁ ଆସିଛି । ଡାକ୍ତରଖାନା ବେଡରେ ରାଖି ଶୋଇଥିବାର ଫଟୋ ଭାଇରାଲ ହେବା ପରେ କର୍କଟ ହୋଇଥିବା ନେଇ ଡାକ୍ତର ଆଶଙ୍କା କରୁଥିବା କହିଛନ୍ତି ରିତେଶ। ଛାତି ଏବଂ ପେଟରେ ଯନ୍ତ୍ରଣା ହେବା ପରେ ରାଖିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ବୋଲି ରିତେଶ କହିଛନ୍ତି। ସେ କହିଛନ୍ତି ଯେ, "ଡାକ୍ତରମାନେ ରାଖିଙ୍କ ଗର୍ଭାଶୟରେ ଏକ ଟ୍ୟୁମର ଚିହ୍ନଟ କରିଛନ୍ତି। ଯେଉଁଥିପାଇଁ ଡାକ୍ତରମାନେ ସନ୍ଦେହ କରୁଛନ୍ତି ଯେ ରାଖିଙ୍କର କର୍କଟ ହୋଇଥାଇପାରେ। ତେବେ ରିପୋର୍ଟ ଏପର୍ଯ୍ୟନ୍ତ ବାହାରି ନାହିଁ ।" ରାଖିଙ୍କ ଡାକ୍ତରଖାନା ବେଡରେ ଶୋଇଥିବାର ଫଟୋ ଭାଇରାଲ ହେବା ପରେ ସେ ନାଟକ କରୁଥିବା କହୁଥିଲେ ଲୋକେ । ଏହା ଉପରେ ପ୍ରତିକ୍ରିୟା ନେଇ ରିତେଶ କହିଛନ୍ତି ଯେ, "ଏହା ଥଟ୍ଟାର ବିଷୟ ନୁହେଁ। ରାଖି ଗୁରୁତର ଅଛନ୍ତି। ତାଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।"

# ଦୁଇ ବର୍ଷ ହେଲାଣି ସରିବାର ନାଁ ଧରୁନାହିଁ ଚିତ୍ରପୁରଠାରୁ ଅସନପାଟ ମୁଖ୍ୟମନ୍ତ୍ରୀ ସଡ଼କ : ଅଧାପନ୍ତରିଆ କାମ କରି ଠିକାଦାର ଛୁ

ଚମ୍ପୁଆ, ୧୬/୫ (ନି.ପ୍ର): ଦୁଇ ବର୍ଷ ହେଲାଣି ସରିବାର ନାଁ ଧରୁନାହିଁ ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଚିତ୍ରପୁର ଠାରୁ ଅସନପାଟ ମୁଖ୍ୟମନ୍ତ୍ରୀ ସଡ଼କ । ଠିକାଦାର କାମକୁ ଅଧାରେ ଛାଡି ଛୁ ମାରିଥିବା ବେଳେ ରାସ୍ତାକୁ ନେଇ ଲୋକଙ୍କ ଦୁର୍ଦ୍ଦଶା ବଢି ଚାଲିଛି। ଧୂଳି ଧୂଆଁରେ ଲୋକେ ଅତିଷ୍ଠ ହୋଇ ପଡୁଥିବା ବେଳେ ରାସ୍ତା କଡରେ ବଡ଼ ବଡ଼ ହୋଡ଼ିଂ ଭିତରେ ଏହି ଯୋଜନା ସୀମିତ ହୋଇ ରହି ଯାଇଥିଲେ ମଧ୍ୟ ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ହେଉନାହିଁ। ୨୦୨୨ ମସିହା ଜାନୁଆରୀ ୧୦ ତାରିଖରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଏହି ରାସ୍ତାକୁ ପାଟଣା ବିଧାୟକ ଜଗନ୍ନାଥ ନାଏକ ଶିଳାନ୍ୟାସ କରିଥିବା ବେଳେ ଗତ ୦୯.୧୦.୨୨ ରେ ଏହି ରାସ୍ତା କାମ ଶେଷ ହେବା କଥା, କିନ୍ତୁ ଇତିମଧ୍ୟରେ ଦୁଇ ବର୍ଷ ବିତିବାକୁ ବସିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ରାସ୍ତା କାମ ଅଧା ମଧ୍ୟ ହୋଇ ପାରିନାହିଁ। ଠିକାଦାର ରାସ୍ତା ଉପରେ ମେଟାଲ, କ୍ରସର ଗୁଣ୍ଡ ପକାଇ ଦେଇ ଅଧ ପନ୍ତରିଆ ଭାବେ ଛାଡି ଛୁ ମାରିଛି। ଫଳରେ ଏହି ରାସ୍ତା ଏବେ ଲୋକଙ୍କ ପାଇଁ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ଯାହାକୁ ନେଇ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଚିତ୍ରପୁର, ବଡ଼ପଣି, ଚଉଠିଆ, ବାରୁଣା, କଳିଙ୍ଗା, ଗୁଣ୍ଡୁଣିଆ, ଅସନପାଟ, ବଡ଼ପଣି ଆଦି ଗ୍ରାମର ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପୁଞ୍ଜିଭୂତ ହୋଇ ସାରିଛି।

## ବିଶ୍ୱଶାନ୍ତି ମହାବିଷ୍ଣୁ ଯଜ୍ଞ ଉଦ୍‌ଯାପିତ

ସମ୍ବଲପୁର, ୧୬/୫ (ନି.ପ୍ର): ସମ୍ବଲପୁର ଜିଲ୍ଲା ରେଢାଖୋଲ ଉପଖଣ୍ଡର ନାକ୍ଟିଦେଉଳ ବ୍ଲକ୍ ଅନ୍ତର୍ଗତ ସରାପାଲି ପଂଚାୟତସ୍ଥିତ କୁଞ୍ଜବନ ମଠ ପରିସରରେ ପାଂଚ ଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ମହାବିଷ୍ଣୁ ଯଜ୍ଞ ଆଜି ମହା ସମାରୋହରେ ଉଦଯାପିତ ହୋଇଯାଇଛି। ଏହି ସମାରୋହ ସପ୍ତମଣ୍ଡଳୀର ସହଯୋଗ ଓ ଯଜ୍ଞ କମିଟି କୁଞ୍ଜବନ ସୁରକ୍ଷା ମଂଚର ପରିଚାଳନାରେ ଆୟୋଜିତ ହେଇଥିଲା । ଏହି ଯଜ୍ଞରେ ରେଙ୍ଗାଲପାଲିର ମଠାଧୀଶ ଶ୍ରୀ ସ୍ୱରୁପାନନ୍ଦ ପୁରୀଜୀ ମହାରାଜ ପରିଚାଳନା କରିଥିଲେ । ଏହି ଆଧାତ୍ମିକ ସାଂସ୍କୃତିକ ସମାବେଶରେ ସରାପାଲି, ମହୁକୁଦ, ଉପରମୁଣ୍ଡା, ଜୁରାପାଲି, ଗୋଡିପଡା, ବଲାସିଂହା, କତରାପାଲି, ପୋଡାଖୋଲ, ଚନ୍ଦ୍ରପୁର, ପଣ୍ଡିଆଖୋଲ, ହିକପାଲି, ନାଟୁଆବରୀ, ଗୋଧିଢିପ, ମାରୁଆଡିମୁଣ୍ଡା, ବିଜାଗଡ, ଭାଲୁମୁଣ୍ଡା, ଡୁମାମହୁଲ, ମହୁଲପାଲି, ଜେମାଜୁରୀ, ଚାଷଭରଡି, ଟିକିଲିପଡା ଓ ଗଡଖୋଲର ଗ୍ରାମବାସୀ ମାନେ ଯୋଗ ଦେଇଥିଲେ । ୧୦ ତାରିଖ ଦିନ ଅଙ୍କୁରୋଦଗମ ପରେ କଳସ ଯାତ୍ରା, ହୋମ, ବୈଦିକ ଯଜ୍ଞ ଓ ଉଡନ୍ତା ହନୁମାନ ରାମଲୀଳା, ମେଗା ରକ୍ତଦାନ ଶିବିର ଓ ୧୫ ତାରିଖ ସାମୁହିକ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା ।

# ୨୫ ତାରିଖରେ ହେବାକୁ ଥିବା ନିର୍ବାଚନ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

ଖୋର୍ଦ୍ଧା, ୧୬/୫ (ନି.ପ୍ର): ଆସନ୍ତା ୨୫ ତାରିଖରେ ଖୋର୍ଦ୍ଧା ଜିଲ୍ଲାରେ ଭୋଟ ଗ୍ରହଣ କରାଯିବ । ଏଥି ନିମନ୍ତେ ସମସ୍ତ ପ୍ରକ୍ରିୟା ଜାରି ରହିଛି । ଜିଲ୍ଲାରେ ଥିବା ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ଭୋଟରମାନଙ୍କ ନିମନ୍ତେ ଘରେ ରହି ଭୋଟଦେବା ପ୍ରକ୍ରିୟା ଆରମ୍ଭ ହୋଇଛି । ଜିଲ୍ଲାରେ ମୋଟ ୧୭୦୪ ଜଣ ଭୋଟର ନିଜର ଘରେ ରହି ମତଦାନ କରିବେ । ସେମାନଙ୍କ ମଧ୍ୟରେ ୧୨୧୮ ଜଣ ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ଏବଂ ୪୮୬ ଜଣ ଦିବ୍ୟାଙ୍ଗ ଭୋଟର ଅଛନ୍ତି । ପୁଲିଂ ଅଧିକାରୀମାନେ ସେମାନଙ୍କ ଘରକୁ ଯାଇ ଭୋଟିଂ କରାଇବେ । ପୂର୍ବରୁ ଘରେ ରହି ଭୋଟ ଦେବା ପାଇଁ ସେମାନଙ୍କଠାରୁ ସ୍ୱୀକୃତି ଗ୍ରହଣ କରାଯାଇଥିଲା । ଏହି ମର୍ମରେ ଜୟଦେବ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ୧୯୮ ଜଣ ଏବଂ ୬୯ ଜଣ ଦିବ୍ୟାଙ୍ଗ ଭୋଟରଙ୍କୁ ମିଶାଇ ୨୬୭, ଭୁବନେଶ୍ୱର (ମଧ୍ୟ)ରେ ୯୩ ଜଣ ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ଏବଂ ୨୫ ଜଣ ଦିବ୍ୟାଙ୍ଗଙ୍କୁ ମିଶାଇ ମୋଟ ୧୧୮ ଜଣ ଭୋଟର, ଭୁବନେଶ୍ୱର (ଉତର)ରେ ୨୦୨ ଜଣଙ୍କ ମଧ୍ୟରୁ ୧୫୫ ଜଣ ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ଏବଂ ଏବଂ ୪୭ ଜଣ ଦିବ୍ୟାଙ୍ଗ, ଏକାମ୍ରରେ ୨୦୮ ଜଣଙ୍କ ମଧ୍ୟରୁ ୧୮୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ଏବଂ ୨୩ ଜଣ ଦିବ୍ୟାଙ୍ଗ ଭୋଟର, ଜଟଣୀରେ ମୋଟ ୭୪ ଜଣଙ୍କ ମଧ୍ୟରୁ ୪୩ ଜଣ ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ଏବଂ ୩୧ ଜଣ ଦିବ୍ୟାଙ୍ଗ ଭୋଟର ସେମାନଙ୍କ ଘରେ ରହି ମତାଧିକାର ସାବ୍ୟସ୍ତ କରିବେ । ସେହିଭଳି ବେଗୁନିଆ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୮୪ ଜଣ ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ଏବଂ ୪୯ ଜଣ ଦିବ୍ୟାଙ୍ଗ ଭୋଟରଙ୍କ ମିଶାଇ ୨୩୩, ଖୋର୍ଦ୍ଧାରେ ୧୬୪ ଜଣ ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ଏବଂ ୧୧୭ ଜଣ ଦିବ୍ୟାଙ୍ଗଙ୍କୁ ମିଶାଇ ମୋଟ ୨୮୧ ଜଣ ଘରେ ରହି ଭୋଟ ଦେଉଥିବାବେଳେ ଚିଲିକା ନିର୍ବାଚନ ମଣ୍ଡଳୀରେ ୧୯୬ ଜଣ ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ଏବଂ ୧୨୫ ଜଣ ଦିବ୍ୟାଙ୍ଗ ଭୋଟର ମତାଧିକାର ସାବ୍ୟସ୍ତ କରିବେ । ଅନ୍ୟ ପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ରାଣ୍ଡମାଇଜେସନ୍ ପରେ ଇଭିଏମ୍ ଗୁଡ଼ିକର କମିଶନିଂ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି । ଜିଲ୍ଲାର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଜିଲ୍ଲା ପଣ୍ୟାଗାରରେ ଏହି କମିଶନିଂ ପ୍ରକ୍ରିୟା ଜାରି ରହିଛି । ଆସନ୍ତା ୨୩ ତାରିଖରେ ପୁଲିଂ ପାର୍ଟିମାନେ ଇଭିଏମ୍ ଏବଂ ଆବଶ୍ୟକୀୟ ସାମଗ୍ରୀ ନେଇ ମତଦାନ କେନ୍ଦ୍ର ଅଭିମୁଖେ ଯାତ୍ରା କରିବେ । ଏଥି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଆସନ୍ତା ୨୫ ତାରିଖରେ ଜିଲ୍ଲାରେ ୧୯୨୩ ମତଦାନ କେନ୍ଦ୍ରରେ ୧୯ ଲକ୍ଷ ୬ ହଜାର ୫୧୭ ଜଣ ମତଦାତା ମତାଧିକାର ସାବ୍ୟସ୍ତ କରିବେ ।

# ଜିଲ୍ଲା ଯାଦବ ମହାସଭାର ନିର୍ବାଚନ କୋର କମିଟି ବୈଠକ

କେନ୍ଦ୍ରାପଡ଼ା, ୧୬/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଯାଦବ ମହାସଭାର ନିର୍ବାଚନ କୋର କମିଟି ବୈଠକ ସ୍ଥାନୀୟ ଯାଦବ ଭବନ ଠାରେ ସଭାପତି ପ୍ରଭାକର ପଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଯାଦବମାନଙ୍କ ସାମାଜିକ ଅର୍ଥନୈତିକ ଓ ରାଜନୈତିକ ସ୍ଥିତିବସ୍ଥାକୁ ଅନୁଧ୍ୟାନ କରିବା ସହ ଆଗାମୀ ନିର୍ବାଚନରେ ଯାଦବମାନେ କି ପ୍ରକାର ନିର୍ଣ୍ଣାୟକ ଭୂମିକା ନେବେ ସେ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ଥିଲା । ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକର ଯାଦବ ମାନେ ସଂଗଠିତ ହୋଇ ବ୍ଲକ କମିଟି ବସି ଯାଦବମାନଙ୍କ ଭୋଟ ଅଧିକାର କେଉଁ ସ୍ତରକୁ ଯିବ ତାହା ଜିଲ୍ଲା କମିଟିର ନିର୍ଣ୍ଣାୟକ ନିଷ୍ପତିକୁ ଅପେକ୍ଷା ରଖିଛନ୍ତି। ଖୁବ୍‌ଶୀଘ୍ର ଜିଲ୍ଲାର ଆଉ ୭ଟି ବ୍ଲକ ଓ ୨ଟି ପୌରାଂଚଳର ଯାଦବ ମହାସଭା ବୈଠକ ତୁରନ୍ତ ଡକାଯାଇ ଏ ସମ୍ବନ୍ଧରେ ଚରମ ନିଷ୍ପତି ନେବା ସହ ଜିଲ୍ଲା କମିଟିର ନିଷ୍ପତିକୁ ସ୍ୱାଗତ କରିବେ ବୋଲି ଆହ୍ୱାନ ଦିଆଯାଇଛି। ଉକ୍ତ ବୈଠକରେ କାର୍ଯ୍ୟକାରୀ ସଭାପତି ଧିରେନ୍ଦ୍ର ପୃଷ୍ଟି ମନୋଜ କୁମାର ପରିଡ଼ା, ସାଧାରଣ ସଂପାଦକ ଚିନ୍ମୟ ଦାସ, କୋଷାଧକ୍ଷ ନନ୍ଦ କିଶୋର ଦାସ, ଜିଲ୍ଲା କାର୍ଯ୍ୟାଳୟ ସଂପାଦକ ବିଶ୍ୱ ରଞ୍ଜନ ଦାସ, ମୁନିସ୍‌ପାଲିଟିର ସଂପାଦକ ଲୋକନାଥ ଦାସ, ମହାକାଳପଡ଼ା ବ୍ଲକ ସଭାପତି ପ୍ରଦିପ ମହାପାତ୍ର, ମାର୍ଶାଘାଇର ମଧୁସୂଦନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୪୧ ଗୋଟି ତୁମ୍ବର ଗୋଲେଇ ସହ ମଠା କାମ ଶେଷ

ପୁରୀ, ୧୬/୫ (ନି.ପ୍ର): ରଥ ନିର୍ମାଣର ପଂଚମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ସକାଳ ଘ.୮.୦୦ ଟିକା ସମୟରେ ରଥ ଖଳା ଠାରେ ଉପସ୍ଥିତ ହୋଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଆଜି ପଂଚମ ଦିନର କାର୍ଯ୍ୟ ଶେଷ ସୁଦ୍ଧା ତିନି ରଥର ମୋଟ ୪୨ ଗୋଟି ତୁମ୍ବରୁ ୪୧ ଗୋଟି ତୁମ୍ବର ଗୋଲେଇ ସହ ମଠ। କାମ ଶେଷ ହୋଇଛି । ସେଥି ମଧ୍ୟରୁ ନନ୍ଦିଘୋଷ ରଥର ୧୬ ଟି ତୁମ୍ବ ଏବଂ ଦର୍ପ ଦଳନ ରଥର ୧୨ ଗୋଟି ତୁମ୍ବର ଗୋଲେଇ କାର୍ଯ୍ୟ ସହ ମଠ। କାର୍ଯ୍ୟ ଶେଷ ହୋଇଛି। ତାଳଧ୍ୱଜ ରଥର ୧୪ ଗୋଟି ତୁମ୍ବ ରୁ ୧୩ ଟି ତୁମ୍ବର ଗୋଲେଇ ସହ ମଠ। କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଆସନ୍ତାକାଲି ତୁମ୍ବ ବିନ୍ଧ ପାଇଁ ତିନି ରଥ ର ତୁମ୍ବ ଗୁଡିକରେ ସୂତା ବାଡ଼ିଆ କାର୍ଯ୍ୟ ଆରମ୍ଭ ହେବ ଛଦୋଲବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକ ମାନେ ଜି.ଆଇ ଲୁହା ରାଡ କାଟି ୬/୭' ର ଅର କଂଟା ନିର୍ମାଣ ସହ ତୁମ୍ବରେ ବସିବା ପାଇଁ ପଦାରି ବଳା ନିର୍ମାଣ ଜାରୀ ରଖିଛନ୍ତି ।

## କଲ୍ୟାଣ ଆଶ୍ରମର ୭୫ତମ ପ୍ରତିଷ୍ଠା ଦିବସ

ସମ୍ବଲପୁର, ୧୬/୫ (ନି.ପ୍ର): ହୁମା ନିକଟ ବଡଁଶରା ଗ୍ରାମସ୍ଥିତ ଋଷିପ୍ରାଣ ଡ଼ା ଜନାର୍ଦ୍ଦନ ପୂଜାରୀ ଓ ବ୍ରଜମୋହନ ପଣ୍ଡାଙ୍କ ଦ୍ୱାରା ସ୍ଥାପିତ କଲ୍ୟାଣ ଆଶ୍ରମର ୭୫ ତମ ବର୍ଷ ପୂର୍ତି ପାଳିତ ହୋଇଯାଇଛି। ଏହି ଅବସରରେ ତ୍ରିଦିବସୀୟ ହୀରକ ଜୟନ୍ତୀ ଉତ୍ସବ ପାଳନର ବ୍ୟବସ୍ଥା ମଧ୍ୟ ହୋଇଛି । ଆଜି ଉତ୍ସବର ପ୍ରଥମ ଦିବସରେ ସମ୍ବଲପୁର ଠାକୁର ବାଡି ମଠର ଶ୍ରୀନିବାସ ବାବା ମୁଖ୍ୟ ଅତିଥି ଓ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବର୍ତମାନ ସମୟରେ ଭକ୍ତିଭାବର ପ୍ରାସଙ୍ଗିକତା ଓ ମଠ ମନ୍ଦିରର ଭୂମିକା ସମ୍ପର୍କରେ ବାବା ଦିଗଦର୍ଶନ ଦେଇଥିଲେ। ଶ୍ରୀ ପଣ୍ଡା କଲ୍ୟାଣ ଆଶ୍ରମ ପ୍ରତିଷ୍ଠାର ପୃଷ୍ଠଭୂମି ଓ ଜନଜୀବନରେ ଏହି ଆଶ୍ରମର ଆବଶ୍ୟକତା ଓ ଭୂମିକା ସମ୍ପର୍କରେ ସଚେତନ କରାଇଥିଲେ। ହୀରକ ଜୟନ୍ତୀର ପ୍ରଥମ ବର୍ଷରେ ଆଜି ଶ୍ରୀମଦ୍ ଭଗବତ ଗୀତା ପାରାୟଣ ହୋଇଥିଲା । ଏଥିରେ ଆଖପାଖର ପ୍ରାୟ ୧୧ଟି ଗ୍ରାମର ଭଗବତ ଓ ଆଧାତ୍ମିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ପ୍ରାରମ୍ଭରେ ବିଭୂତି ନାରାୟଣ ମାଝୀ ଗୀତା ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ପୁରନ୍ଦର ପାଣିଗ୍ରାହୀ, ରାହାସ ବିହାରୀ ପଣ୍ଡା, ଅଶୋକ ପୋଢ, ସୂର୍ଯ୍ୟ କୁମାର ପଣ୍ଡା ପ୍ରମୁଖ ସହଯୋଗ କରି ସଫଳ କରାଇଥିଲେ । ଦ୍ୱିତୀୟ ଦିବସରେ ରାମଚରିତ ମାନସର ସୁନ୍ଦର କାଣ୍ଡ ପାଠର କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ନବୀନ ପଟ୍ଟନାୟକଙ୍କୁ ସମର୍ଥନ ଜଣାଇଲା ଗୋଁଣ୍ଡ ମହାସଭା

ସମ୍ବଲପୁର, ୧୬/୫ (ନି.ପ୍ର): ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ସମ୍ବଲପୁର ସଂଯୋଜନାରେ ଏକ ରାଜନୈତିକ ସମୀକ୍ଷା ସଭା ରେଙ୍ଗାଲି ବ୍ଲକ ବାସୁପାଲି ଠାରେ ଜିଲ୍ଲା ସଭାପତି ଯୋଗେଶ୍ୱର ପଟ୍ଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ବର୍ତମାନ ସାଧାରଣ ନିର୍ବାଚନରେ ଭାଗ ନେଇଥିବା ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ବିଜେଡ଼ି, ବିଜେପିର ଆଭିମୁଖ୍ୟ ଉପରେ ବିସ୍ତୃତ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। କଂଗ୍ରେସ ଦଳ ରାଜ୍ୟରେ ସୁପ୍ତ ଥିବାବେଳେ ବିଜେପି ତାର ଚିରା ଚରିତ ଢଙ୍ଗରେ ପୂର୍ବରୁ ଦେଇ ଆସୁଥିବା ପ୍ରତିଶ୍ରୁତି ଧୂଆଁବାଣରେ ଲୋକମାନଙ୍କୁ ନିଜ ସପକ୍ଷରେ ନେବାପାଇଁ ଅଂଟାଭିଡା ଅଭିଯାନ ଚଳାଇଛି । ବିଶେଷ କରି ସାରା ଦେଶରେ ବିଗତ ୨୦୧୪ ନିର୍ବାଚନ ଠାରୁ ଦେଇଥିବା ପ୍ରତିଶ୍ରୁତି ପ୍ରତି ଲୋକଙ୍କୁ ୧୫ ଲକ୍ଷ ଟଙ୍କା, ବର୍ଷକୁ ୨ କୋଟି ଚାକିରୀ ଆଦି ପୂରଣ ହୋଇନଥିବା ବେଳେ ଦରଦାମ ବୃଦ୍ଧି, ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ ମନ୍ତ୍ରୀ ଥିବା ବେଳେ ଅହେତୁକ ଦର ବୃଦ୍ଧି କରି ୧୦୦ ଟଙ୍କାରୁ ଅଧିକ ଲିଟର ପ୍ରତି ପହଂଚିବା,ସମ୍ବଲପୁର ସଂସଦୀୟ କ୍ଷେତ୍ର ତଥା ରାଜ୍ୟରେ ଦୀର୍ଘ ୧୦ ବର୍ଷ ମନ୍ତ୍ରୀତ୍ୱ ସମୟରେ ଶ୍ରୀ ପ୍ରଧାନ କୌଣସି ଏକ ଜନହିତକର କାର୍ଯ୍ୟ କରି ନଥିବା ପତ୍ର ପତ୍ରିକା ତଥା ସୋସିଆଲ ମିଡ଼ିଆରେ ପ୍ରକାଶିତ ଖବରରୁ ମହାସଭା ହୃଦ୍ ବୋଧ କରିଛି। ଅନ୍ୟ ପକ୍ଷରେ ସାରା ଦେଶରେ ବିଜେପି ସରକାର ଆଦିବାସୀ ପଛୁଆବର୍ଗ ଦଳିତ ମାନଙ୍କର ପ୍ରତି ଯେଉଁ ପ୍ରକାର୍ ନକାରାତ୍ମକ ବ୍ୟବହାର, ଏମାନଙ୍କର ଦେଶରେ ସବୁ କ୍ଷେତ୍ରରେ ଥିବା ଆରକ୍ଷଣ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ଜ୍ୱଳନ୍ତ ଉଦାହରଣ। ମଣିପୁର ଆଦିବାସୀ ମହିଳା ମାନଙ୍କୁ ଉଲଗ୍ନ କରି ଯେଉଭଳି ଅତ୍ୟାଚାର କରାଗଲା ଦେଶବାସୀ ଦେଖିଛନ୍ତି। ଏହି ଜୀବନ୍ତ ଉଦାହରଣ ଗୋଁଣ୍ଡ ମହାସଭାକୁ ଖୁବ୍ ଆଘାତ ଦେଇଛି । ତେଣୁ ମହାସଭା ଆହ୍ୱାନ କରିଛି ବିଜେପିକୁ ଆଦିବାସୀ ସମାଜ ମୋଟା ମୋଟି ଭାବରେ ମତଦାନ କରିବ ନାହିଁ ବୋଲି ନିଷ୍ପତି କରିଛି। ଅନ୍ୟ ପକ୍ଷରେ ଆଦିବାସୀଙ୍କ ପ୍ରତି ଉଦାହରଣ ପାଲଟିଥିବା ନବୀନ ସରକାର ଓ ତାଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଖ୍ୟ ଭାବରେ ରାଜଧାନୀରେ ୧୦୦ କୋଟି ଟଙ୍କାର ଆଦିବାସୀ ଭବନ, ଗୋଁଣ୍ଡ ମାନଙ୍କ ପାଇଁ ୫ କୋଟି ଟଙ୍କାର ଜମି ସହିତ ୩ କୋଟି ଟଙ୍କାର ଗୋଁଣ୍ଡ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ବେଳେ ସାରା ରାଜ୍ୟରେ ଗୋଁଣ୍ଡ ମାନଙ୍କର ଆରାଧ ଦେବତା ଜଙ୍ଘା ବଡଦେଓଙ୍କ ମନ୍ଦିର ଓ ଆସ ବାସ ସୁବିଧା ଯୋଗାଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ବଡ଼ଗାଁ ଠାରେ ତତ୍କାଳୀନ ସୁନ୍ଦରଗଡ଼ ରାଜା ଗୋଁଣ୍ଡ ଶ୍ରୀକ୍ଷେତ୍ର ପାଇଁ ଦେଇଥିବା ଜମି ବେଦଖଲ କରି ପୁନଃହ ସ୍ଥାପିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜାରି ରଖିଥିବା ପ୍ରୟାସକୁ ଗୋଁଣ୍ଡ ସମାଜ ଭୂରି ଭୂରି ପ୍ରଶଂସା କରିବା ସହିତ ଗୋଁଣ୍ଡ ସମାଜ ଧନ୍ୟବାଦ ଜ୍ଞାପନ କରୁଛି। ଏଥିପାଇଁ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ହୋଇଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦଳ ବିଜେଡ଼ିକୁ ପୂର୍ଣ୍ଣ ମାତ୍ରାରେ ଚଳିତ ନିର୍ବାଚନରେ ସମ୍ବଲପୁର ସଂସାଦ ପ୍ରାଥୀ ପ୍ରଣବ ପ୍ରକାଶ ଦାସଙ୍କ ସହିତ ସମସ୍ତ ୭ଟି କ୍ଷେତ୍ରରେ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜିତାଇବା ସହିତ ରାଜ୍ୟରେ ବସବାସ କରୁଥିବା ଗୋଁଣ୍ଡ ଭାଇ ଭଉଣୀ ମାନେ ନବୀନ ପଟ୍ଟନାୟକଙ୍କୁ ଆକୁଣ୍ଠ ସମର୍ଥନ କରିବେ ବୋଲି ଗୋଁଣ୍ଡ ମହାସଭା ପ୍ରତିଶ୍ରୁତି ଦେଇଛି। ଏହି ସଭାରେ ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ଜିଲ୍ଲା ସଭାପତି ଯୋଗେଶ୍ୱର ପଟ୍ଟା, ଜିଲ୍ଲା ମହାସଚିବ ମନୋଜ ନାଏକ, ସହିତ ରେଙ୍ଗାଲି, ମାନେଶ୍ୱର, ଧନକୌଡା, ସମ୍ବଲପୁର ଟାଉନ ଆଦି ଅଂଚଳର ସମସ୍ତ ବ୍ଲକ କମିଟି ତଥା ୨୫ଟି ଗୁଡ଼ି କମିଟି ପ୍ରମୁଖ ଯୋଗଦେଇଥିଲେ।

# ସିବିଏସସି ପରୀକ୍ଷାରେ ୯୭% ରଖି ଫୁଲବାଣୀ ଟପର ପ୍ରିୟଦର୍ଶିନୀ

କନ୍ଧମାଳ, ୧୬/୫ (ନି.ପ୍ର): ଦିନକୁ ଦଶ ରୁ ବାର ଘଂଟା ଅକ୍ଳାନ୍ତ ପରିଶ୍ରମ ବଳରେ ସି ବି ଏସ ସି ପରୀକ୍ଷାରେ ପବ୍ଲିକ ସ୍କୁଲ ଫୁଲବାଣୀର ଛାତ୍ରୀ ପ୍ରିୟଦର୍ଶିନୀ ବେହେରା ୯୭% ରଖି ବିଦ୍ୟାଳୟ ସହିତ ଜିଲ୍ଲାରେ ଟପର ହୋଇଛନ୍ତି । କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ମହକୁମାର ନାରାୟଣୀ ରୋଡ ନିକଟସ୍ଥ ସିବିଏସର ପ୍ଲବିକ ଇଂଲିଶ ମିଡିୟମ ସ୍କୁଲ ରହିଛି। ଏହି ବିଦ୍ୟାଳୟରେ ଉତମ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ଦ୍ୱାରା ଶିକ୍ଷାଦାନ ସହ ଖେଳ କୁଦ ର ମଧ୍ୟ ଉତମ ଶିକ୍ଷା ଦିଆଯାଏ । ଏହି ବିଦ୍ୟାଳୟକୁ ପରିଚାଳନା କରୁଛନ୍ତି ବିଶିଷ୍ଟ ସାମାଜ ସେବୀ ବିପ୍ରଚରଣ ପାତ୍ର । ତାଙ୍କର ସହଯୋଗରେ ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରେରଣାରେ ଆଜି ଟପର ହୋଇ ପାରିଛନ୍ତି ଦଶମ ଶ୍ରେଣୀରେ । ୯୭% ଅର୍ଥାତ ୫୦୦ ରୁ ୪୮୫ ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରିଛନ୍ତି ପ୍ରିୟଦର୍ଶିନୀ ବେହେରା । ସେ ଏଲ କେ ଜି ରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ହଜାରରୁ ଉର୍ଦ୍ଧ୍ୱ ମାନପତ୍ରର ମଧ୍ୟ ଅଧିକାରିଣୀ ହୋଇଛନ୍ତି । ବହୁ ଥର ସେ ବେଷ୍ଟ ଅଫ ଦି ଇୟର ପୁରସ୍କାର ପାଇଛନ୍ତି । ତାଙ୍କ ପିତା ଫୁଲବାଣୀ ର ଜଣାଶୁଣା ବରିଷ୍ଠ ଶିକ୍ଷକ ମଦନ ମୋହନ ବେହେରା ଓ ମାତା ସୌଦାମିନି ଦିଗାଲ ମଧ୍ୟ ଶିକ୍ଷୟତ୍ରୀ ଅଟନ୍ତି । ଭବିଷ୍ୟତରେ ସେ ଭାରତୀୟ ପ୍ରଶାସନିକ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ସ୍ଥିର କରିଛନ୍ତି । ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି ।

# ବିପଦ ସଙ୍କେତ ଦେଉଚି ଶୁଖିଲା ଗଛ

ମୁଖିଗୁଡ଼ା, ୧୬/୫ (ନି.ପ୍ର): ମୁଖୀଗୁଡା -ମୋଟେର ରାସ୍ତା ବନମାଳିପୁର ଇଣ୍ଡେନ ଗ୍ୟାସ ସିଲିଣ୍ଡର ଗୋଦାମ ସମ୍ମୁଖିରେ ଏକ ଶୁଖିଲା ଗଛ ବିପଦ ଶଙ୍ଖୁଳ ଅବସ୍ଥାରେ ରହିଛି । ଯେକୌଣସି ମୁହୂର୍ତରେ ଏହି ଗଛ ଜୋରରେ ପବନ ହେଲେ ଭାଙ୍ଗି ପଡ଼ି ଧନ ଜୀବନ ନଷ୍ଟ ନହେବ ଏଥିରେ ସନ୍ଦେହ ନାହିଁ । ଏହି ରାସ୍ତା ଦେଇ ଶହ ଶହ ଯାନବାହାନ ଯାତାୟାତ କରିଥାଏ । କାହାର ଧନ ଜୀବନ ନଷ୍ଟ ନହେବାପୂର୍ବରୁ ମୁଖ୍ୟ ରାସ୍ତା କଡରେ ଥିବା ଏହି ଗଛ କାଟିବା ଜରୁରୀ ହୋଇ ପଡିଛି । ଏଣୁ ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଉଛି ।

# ପ୍ରିଜାଇଡିଂ ଓ ପୁଲିଂ ଅଫିସରମାନଙ୍କୁ ପ୍ରଶିକ୍ଷଣ

ପୁରୀ, ୧୬/୫ (ନି.ପ୍ର): ପୁରୀ ଓ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ପାଇଁ ନିୟୋଜିତ ହେବାକୁ ଥିବା ପ୍ରିଜାଇଡିଂ ଓ ପୁଲିଂ ଅଫିସର ମାନଙ୍କୁ ଆଜି ଚୁଡାନ୍ତ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।ବିଶ୍ୱମ୍ଭର ବିଦ୍ୟାପୀଠ ଓ ପୁରୀ ଜିଲ୍ଲା ସ୍କୁଲ ଠାରେ ଆଜି ପୂର୍ବାହ୍ନରେ ଏହି ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ପୁରୀ ସଦର ତହସିଲଦାର ଅଭିଷେକ ଦାଶ,ପୁରୀ ସଦର ବିଡ଼ିଓ ସମ୍ବିତ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ତଦାରଖ କରିଥିଲେ। ମାଷ୍ଟର ଟ୍ରେନର ମାନେ ପ୍ରିଜାଇଡିଂ ଓ ସମସ୍ତ ପୁଲିଂ ଅଫିସର ମାନଙ୍କର ଦାୟିତ୍ୱ ସମ୍ପର୍କରେ ବିଷଦ ଭାବେ ଅବଗତ କରାଇଥିଲେ। ପୂର୍ବ ପ୍ରଶିକ୍ଷଣ ରେ ସେମାନଙ୍କୁ ପ୍ରଶିକ୍ଷିତ କରାଯିବା ସହ ପ୍ରିଜାଇଡିଂ ଅଫିସର ଭାବେ ଦାୟିତ୍ୱ ନିର୍ବାହ ପାଇଁ ଉଦ୍ଦିଷ୍ଟ ପ୍ରିଜାଇଡିଂ ଅଫିସର ହ୍ୟାଣ୍ଡ ବୁକ ପ୍ରଦାନ କରାଯାଇ ଏହାକୁ ତନ୍ନ ତନ୍ନ କରି ପଢିବାକୁ ପରାମର୍ଶ ଦିଆଯାଇଥିଲା ।ଆଜି ସେ ସବୁ ର ଆଲୋଚନା ସହ ଯାହାର କୌଣସି ସନ୍ଦେହ ବା ସଂଶୟ ଥିଲା ତାହାକୁ ସମାଧାନ କରାଯାଇଥିଲା। ସେମାନଙ୍କୁ ଇଭିଏମ ପରିଚାଳନା କରିବାକୁ ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ନିର୍ବାଚନ ଏକ ସାମୁହିକ କାର୍ଯ୍ୟ। ଟିମ ଗଠନ ହେବା ପରେ ପ୍ରିଜାଇଡିଂ ଓ ପୁଲିଂ ଅଫିସର ମାନେ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା ଆବଶ୍ୟକ। ନିର୍ବାଚନ ପରିଚାଳନା ପାଇଁ ଭାରତର ନିର୍ବାଚନ କମିଶନର ମାର୍ଗଦର୍ଶିକା ପ୍ରଣୟନ କରିଛନ୍ତି। ଏହାରି ଆଧାର ରେ ସମନ୍ୱୟ ର ସହ ନିର୍ବାଚନ କାର ?ୟ୍ୟ ପରିଚାଳନା କରିବାକୁ ବରିଷ୍ଠ ଅଧିକାରୀ ମାନେ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ଯେଉଁ ମାନେ ପୋଷ୍ଟାଲ ଭୋଟ ପାଇଁ ପୂର୍ବରୁ ଆବେଦନ କରିଥିଲେ ସେମାନଙ୍କୁ ମତଦାନ ପାଇଁ ବ୍ୟବସ୍ଥା କରାଯାଇଥିଲା।

## ଓବିସି ମଂଚର ସାମ୍ବାଦିକ ସମ୍ମିଳନୀରେ ଓଡିଶାରେ ଓବିସି ସଂରକ୍ଷଣର ଦାବି

ବଲାଙ୍ଗିର, ୧୬/୫ (ନି.ପ୍ର): ଆଜି ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ଲୋଇସିଂହା ସ୍ଥିତ ଆଦିବାସୀ ଭବନ ଠାରେ ସରୋଜ କୁମାର ମେଶ୍ରା ସଂଯୋଜକ ଓବିସି ମଂଚ ବଲାଙ୍ଗିରଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓବିସିଙ୍କ ଜନସଂଖ୍ୟା ଓଡ଼ିଶାରେ ୫୨ ପ୍ରତିଶତ ଏବଂ ଦୁଇ କୋଟିରୁ ଉର୍ଦ୍ଧ୍ୱ ଥିଲେ ମଧ୍ୟ ଆରକ୍ଷଣ ଶୂନ୍ୟ। ଦେଶରେ ସମସ୍ତ ରାଜ୍ୟରେ ଓବିସିଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଶିକ୍ଷା ଓ ଚାକିରି କ୍ଷେତ୍ରରେ ଯୋଗାଇ ଥିଲେ ମଧ୍ୟ ଓଡ଼ିଶାର ନବୀନ ସରକାର ଓଡ଼ିଶାର ଓବିସିଙ୍କୁ ହତାଦର କରିବାରେ ଲାଗିଛନ୍ତି ଏବଂ ଓବିସିରେ ୯ଟି ଉଚ୍ଚ ଜାତିକୁ ମିଶାଇ ଏସ୍ ଇ ବି ସି କଲେ।ଇ ଡବ୍ଲୁ ଏସ୍ ନାଁ ରେ ଉଚ୍ଚ ବର୍ଗର ୩ ପ୍ରତିଶତ ଲୋକଙ୍କୁ ୧୦ ପ୍ରତିଶତ ସଂରକ୍ଷଣ ଦେଲେ। ଏସ୍ ସି କୁ ଦେଲେ, ଏସ୍ ଟି କୁ ଦେଲେ। ଓବିସି ଙ୍କୁ ଆଦୌ ସଂରକ୍ଷଣ ଦେଲେ ନାହିଁ। ଦିର୍ଘ ୨୪ ବର୍ଷ ର ଶାସନ କାଳରେ ଓବିସିଙ୍କ ପାଇଁ କିଛି କଲେ ନାହିଁ। କିନ୍ତୁ, ସାଢ଼େ ଚାରି କୋଟି ଓଡିଆ ବିଜୁ ପରିବାର ବୋଲି କହିବା ହାସ୍ୟାସ୍ପଦ ଅଟେ। ଏପରି ସ୍ଥଳେ ବିଜୁ ଜନତା ଦଳ ସରକାରକୁ ଓବିସି ମାନେ ଭୋଟ ଦେବା କାହିଁକି ? ବୋଲି ଶ୍ରୀ ମେଶ୍ରା ପ୍ରଶ୍ନ କରିଛନ୍ତି। ଏଣୁ ଦଳ ମତ ନିର୍ବିଶେଷରେ ଓବିସି ଜାତିର ପ୍ରାର୍ଥୀଙ୍କୁ ହିଁ ଭୋଟ ଦେବା। ସଂରକ୍ଷଣ ସିଟ୍ ରେ ଯେଉଁ ଦଳ ବା ପ୍ରାର୍ଥୀ ପଛୁଆ ବର୍ଗ ଙ୍କ ହିତ ପାଇଁ ଲଢେଇ କରିବ ସେହି ଦଳ ବା ବ୍ୟକ୍ତି ବିଶେଷଙ୍କୁ ଓବିସି ମାନେ ଭୋଟ ଦେବେ ବୋଲି ଶ୍ରୀ ମେଶ୍ରା ପ୍ରେସ ବିବୃତିରେ ଅନୁରୋଧ କରିଥିଲେ।

# ବିଜେଡି ଓ କଂଗ୍ରେସର ଶତାଧିକ ନେତା ବିଜେପିରେ ସାମିଲ

ଭୁବନେଶ୍ୱର, ୧୬/୫ (ନି.ପ୍ର): ଯାଜପୁର ଜିଲ୍ଲା ବଡଚଣା ନିର୍ବାଚନ ମଣ୍ଡଳୀର ଅଚ୍ୟୁତବସନ୍ତ, ଅରଖପୁର, ପଲେଇ, କୁନ୍ଦଳ, ରାଧାଦେଇପୁର ଗ୍ରାମ ପଂଚାୟତର ଶତାଧିକ ନେତା ଓ କର୍ମୀ ବିଜେଡି ଓ କଂଗ୍ରେସ ଛାଡି ବିଜେପିରେ ଯୋଗ ଦେଇଛନ୍ତି। ବୁଧବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଅଚ୍ୟୁତବସନ୍ତର ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ରୁଦ୍ରମାଧବ ବଳସାମନ୍ତ, ପରମେଶ୍ୱର ଦଳେଇ, ସାଧୁନାଥ ଦଳେଇ, ନାରଣ ଦଳେଇ, ବିଶ୍ୱଜିତ ବଳସାମନ୍ତ, ରବିନ୍ଦ୍ର ଦଳେଇ, ଉତମ ଦଳେଇ, ଅରଖପୁର ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ପ୍ରଶାନ୍ତ ପରିଡା, ପଲେଇ ଗ୍ରାମ ପଂଚାୟତର ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ କିଶୋର ମହାନ୍ତି, ଅବସରପ୍ରାପ୍ତ ମେଜର ଧନେଶ୍ୱର ମହାରଣା, ସମାଜସେବୀ ବିକ୍ରମ କିଶୋର ପ୍ରଧାନ, କୁନ୍ଦଳ ଗ୍ରାମ ପଂଚାୟତର ପୂର୍ବତନ ପଂଚାୟତ ସଭାପତି ସୁରେନ୍ଦ୍ର ନାଥ ସାମଲ, ରାଧାଦେଇପୁର ଗ୍ରାମ ପଂଚାୟତର ପୂର୍ବତନ କଂଗ୍ରେସ ସଭାପତି ଦିଲୀପ କୁମାର ସାହୁ ପ୍ରମୁଖ ଆନୁଷ୍ଠାନିକଭାବେ ବିଜେପିରେ ଯୋଗ ଦେଇଛନ୍ତି। ସେହିପରି ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ବିଜେଡି ସରପଂଚ ପ୍ରାର୍ଥୀ ତଥା ସେନା ଅଧିକାରୀ ସଚିଦ୍ରାନନ୍ଦ ଜେନା, ପୂର୍ବତନ ସମିତିସଭ୍ୟ ଦିଲୀପ କୁମାର ସାହୁ, ସରୋଜକାନ୍ତ ମହାନ୍ତି, ଅନିରୁଧ ମହାନ୍ତି, ଜଗନ୍ନାଥ ସାହୁ, କ୍ଷେତ୍ରବାସୀ ସାହୁ, ନୀର୍ମଳ ଚନ୍ଦ୍ର ଜେନା, ସମାଜସେବୀ ମଞ୍ଜରୀ ଜେନା, ହାଇକୋର୍ଟ ଆଇନଜୀବୀ ସୁମନ୍ତ ସ୍ୱାଇଁ, ଯୁବ କଂଗ୍ରେସ ସଭାପତି ସକୁନା କନଓ୍ୱାର, ଲକ୍ଷ୍ମୀନାରାୟଣ ସାମନ୍ତରାୟ, ରାକେଶନାଥ ସାମନ୍ତରାୟ, ସମାଜସେବୀ ପ୍ରଣତି ସାମନ୍ତରାୟ, ବରଗଡ ଗଣେଷ ପୂଜା କମିଟି ସମ୍ପାଦକ ସଂଗ୍ରାମ ମାର୍ଥା ପ୍ରମୁଖ ଆନୁଷ୍ଠାନିକଭାବେ ବିଜେପିରେ ଯୋଗ ଦେଇଛନ୍ତି। ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ନୂତନ ସଦସ୍ୟଙ୍କୁ ଉତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ବଡଚଣା ବିଧାୟକ ପ୍ରାର୍ଥୀ ଅମର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ୨୦୨୨ ବ୍ୟାଚ୍‌ର ୬ ଆଇଏଏସ୍ ଟ୍ରେନି ଅଫିସର

ଭୁବନେଶ୍ୱର, ୧୬/୫ (ନି.ପ୍ର): ଓଡ଼ିଶା କ୍ୟାଡ଼ର ୨୦୨୨ ବ୍ୟାଚ୍‌ର ଛଅ ଜଣ ଆଇଏଏସ୍ ଟ୍ରେନି ଅଫିସର ବୁଧବାର ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଟ୍ରେନି ଅଫିସରମାନେ ପ୍ରଥମେ ସେମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସେମାନଙ୍କ ସହ ବାର୍ତାଳାପ ଅବସରରେ ରାଜ୍ୟପାଳ ଏହି ନୂତନ ପ୍ରଶାସନିକ ଅଧିକାରୀମାନଙ୍କୁ ଗରିବମାନଙ୍କର ସେବାକୁ ପ୍ରାଥମିକତା ଦେବାକୁ କହିଛନ୍ତି। ଓଡ଼ିଶାର ଜନସାଧାରଣ ନିରୀହ ଓ ସରଳ। ଓଡ଼ିଶାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ କିପରି ସମାଜର ତଳସ୍ତରକୁ ପହଂଚି ପାରିବ ତାକୁ ପ୍ରାଥମିକତା ଦେବା ସହ ଯେଉଁଠାରେ ବି କାମ କରନ୍ତୁ ସେଠାକାର ଜନସାଧାରଣଙ୍କ ଜୀବନରେ ପରବର୍ତନ ଆଣିବାକୁ ଶ୍ରୀ ଦାସ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

# ତେଲେଙ୍ଗାପେଣ୍ଠାରେ ବାପୁଜୀଙ୍କ ଅବସ୍ଥାନର ୯୦ତମ ବାର୍ଷିକୀର ସ୍ମୃତିଚାରଣ

ଭୁବନଶ୍ୱେର, ୧୬/୫ (ନି.ପ୍ର): ୧୯୩୪ ମସିହା ମଇ ମାସ ୧୫ ତାରିଖରେ ଜାତିର ପିତା ମହାତ୍ମା ଗାନ୍ଧୀ ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିରରେ ଦଳିତମାନଙ୍କୁ ମନ୍ଦିର ପ୍ରବେଶର ସୁଯୋଗ ପ୍ରଦାନ କରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକ ପଂକ୍ତି ଭୋଜନରେ ଏକତ୍ରିତ ହୋଇ ତେଲେଙ୍ଗାପେଣ୍ଠ ଅଭିମୁଖେ ପଦଯାତ୍ରାରେ ଯାଇ ରାତ୍ରିଯାପନ କରିଥିଲେ । ଗାନ୍ଧୀଙ୍କ ରହଣୀର ସ୍ମୃତିକୁ ଉଜ୍ଜିବିତ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତେଲେଙ୍ଗାପେଣ୍ଠ ଅବସ୍ଥାନର ୯୦ତମ ବାର୍ଷିକୀ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, କଟକ ମହାନଗର ନିଗମ ୫୮ ନମ୍ବର ଓ୍ୱାର୍ଡର କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ସାମ୍ବାଦିକ କାନନ ବିହାରୀ ନାୟକ, ରମେଶ ଚନ୍ଦ୍ର ପ୍ରଧାନ, ଅମୂଲ୍ୟ କୁମାର ବାରିକ, ବିଭୂତି ଭୂଷଣ ତରାଇ, ସାଜିଦ୍ ଶାହା, ପ୍ରବଚକ ରସାନନ୍ଦ ପୃଷ୍ଟି, ସାଇ ସାର୍ଥକ ଦାସ ବେହେରା ପ୍ରମୁଖ ଯୋଗଦେଇ ଏକ ଶୋଭାଯାତ୍ରାରେ ଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ଗାନ୍ଧୀ ରାତ୍ରିଯାପନ କରିଥିବା ବରଗଛ ମୂଳରେ ଥିବା ସ୍ମୃତିଫଳକ ପିଣ୍ଡିରେ ସମୂହ ରାମଧୂନ ଗାୟନ କରିଥିଲେ ।

# ସମ୍ବଲପୁରରେ ଘର ଘର ବୁଲି ପ୍ରଚାର କଲେ କେନ୍ଦ୍ରମନ୍ତ୍ରୀ



ସମ୍ବଲପୁର, ୧୬/୫ (ନି.ପ୍ର): ରାଜ୍ୟରେ ଦୀର୍ଘ ୨୪ ବର୍ଷ ଧରି ଗୋଟିଏ ଦଳ ଶାସନରେ ରହିବା ପରେ ବି ସମ୍ବଲପୁରକୁ ଅବହେଳା କରାଯାଉଛି । ସମ୍ବଲପୁର ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଇଛି ବୋଲି ଗୁରୁବାର ସମ୍ବଲପୁରରେ ନିର୍ବାଚନ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ତବଲାପଡ଼ା, କ୍ଷେତ୍ରସନପଡ଼ା ଅଞ୍ଚଳରେ ଘରକୁ ଘର ବୁଲି ପ୍ରଚାର କରିଛନ୍ତି । ଜନସାଧାରଣଙ୍କୁ ମୋଦୀ ଗ୍ୟାରେଣ୍ଟି ଏବଂ ବିଜେପିର ସଂକଳ୍ପ ପତ୍ର ବିତରଣ କରିଛନ୍ତି । ସମ୍ବଲପୁରକୁ ଆହୁରି ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ପଦ୍ମଫୁଲ ଚିହ୍ନରେ ଭୋଟ୍ ଦେବା ପାଇଁ ନିବେଦନ କରିଛନ୍ତି । ଦଳ ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ କ୍ରମାଗତ ଭାବରେ ଭାରତୀୟ ଜନତା ପାର୍ଟିର ସମର୍ଥନ ବଢୁଛି । ମୋଦୀଙ୍କ ପ୍ରତି ଲୋକ ମାନଙ୍କ ଭଲ ପାଇବା ଶ୍ରଦ୍ଧା ବଢୁଛି । ମୋଦୀଙ୍କ ଉପରେ ଲୋକ ମାନଙ୍କର ଆଶା ଏବଂ ବିଶ୍ୱାସ ଅଛି । ଯେତିକି ନିର୍ବାଚନ ପାଖେଇ ଆସୁଛି, ବିଜେପି ପ୍ରତି ସମର୍ଥନ ବଢିବାରେ ଲାଗିଛି। ପ୍ରତି ବଦଳରେ ବିଜୁ ଜନତା ଦଳ ସେତିକି ହିଂସ୍ର ହେବାରେ ଲାଗିଛି । ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟରେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରାଯାଇଛି । ଏହା ନିନ୍ଦନୀୟ । ଏହି ଘଟଣା ପାଇଁ ରାଜ୍ୟ ସରକାର ଦାୟୀ । ସମର୍ଥନ ହରାଉଥିବା ବିଜେଡିର ଲୋକମାନେ ଆଜି ରକ୍ତମୁଖା ହେଉଛନ୍ତି ।

ଓଡ଼ିଶାରେ ପିଇବା ପାଣି, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ଦାଦନ ଭଳି ମୁଖ୍ୟ ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀ ନୀରବତା ଅବଲମ୍ବନ କରିଛନ୍ତି । ଜଣକୁ ଭଡ଼ାରେ ଆଣିଛନ୍ତି। ଓଡ଼ିଶାରେ ଏତେ ଲୋକ ଅଛନ୍ତି କେହି ଜଣେ ମିଳିଲେ ନାହିଁ। ଜଣେ ଭଡାଟିଆକୁ ଆଣି ଓଡ଼ିଶାର ଲୋକଙ୍କ ଆଶାଓ ଆକାଂକ୍ଷାକୁ ଭୂଲୁଣ୍ଠିତ କରୁଛନ୍ତି। ଏ ଥର ସିଏ ହାରିବେ।ରାଜ୍ୟରେ ଲୋକମାନଙ୍କୁ ମୌଳିକ ସୁବିଧା ଦେଇପାରୁନଥିବା ସରକାରଙ୍କୁ ଲୋକମାନେ ବଦଳାଇ ବିଜେପି ସରକାର କରିବା ପାଇଁ ମନ ବନେଇସାରିଛନ୍ତି ।

ଶ୍ର ପ୍ରଧାନ କହିଛନ୍ତି ଯେ ବିଜେପି ସରକାରରେ ଲୋକଙ୍କ ଉନ୍ନତି ଓ ବିକାଶ ହିଁ ପ୍ରାଥମିକତା । ଓଡ଼ିଶାରେ ବିଜେପି ସରକାର ହେଲେ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ମୂଲ୍ୟର ଭାଉଚର ଦିଆଯିବ । ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ହେବ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲୋକଙ୍କୁ ପକ୍କା ଘର ଦିଆଯିବା ସହ ଜମି ପଟ୍ଟା ଦେବାର ବ୍ୟବସ୍ଥା କରାଯିବ । ଦିବ୍ୟାଙ୍ଗ, ନିରାଶ୍ରୟ ଓ ବାର୍ଦ୍ଧକ୍ୟ ଭତ୍ତାକୁ ତିନି ହଜାର ଟଙ୍କା କରାଯିବ ।

ପ୍ରଚାର ଅବସରରେ ଶ୍ରୀ ପ୍ରଧାନ ରେଙ୍ଗାଲି ନିର୍ବାଚନମଣ୍ଡଳୀର ମାତୃଶକ୍ତି, ଅନେକ କର୍ମୀ ଓ ଯୁବସାଥୀଙ୍କୁ ଦଳରେ ସ୍ୱାଗତ କରିଥିଲେ । ସମ୍ବଲପୁରର ସମାଜିକ ସ୍ତରର ବିଭିନ୍ନ ସଂଗଠନର ସଦସ୍ୟ ମାନଙ୍କୁ ଭେଟି ମଧ୍ୟ ଆଲୋଚନା କରିଥିଲେ ।

# ଏମ୍ସ ଭୁବନେଶ୍ୱରରେ ଜାତୀୟ ଡେଙ୍ଗୁ ଦିବସ ପାଳନ

ଭୁବନେଶ୍ୱର, ୧୬/୫ (ନି.ପ୍ର): ଏମ୍ସ ଭୁବନେଶ୍ୱରରେ ଆଜି ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ସଚେତନ ହେଲେ ଡେଙ୍ଗୁ ଭଳି ପ୍ରାଣଘାତୀ ଶତ୍ରୁ କବଳରୁ ମୁକ୍ତି ମିଳିପାରିବ। ଏନେଇ ଗୁରୁବାର ଏମ୍ସ ପକ୍ଷରୁ ବ୍ୟାପକ ଜନଜାଗରଣ କାର୍ଯ୍ୟକ୍ରମ ଆୟୋଜିତ ହେବା ସହିତ ଜନସାଧାରଣଙ୍କୁ ସଚେତନତାଧର୍ମୀ ପ୍ରଚାରପତ୍ର ବଂଟନ କରାଯାଇଥିଲା। ଡେଙ୍ଗୁ ଓ ଭୂତାଣୁବାହୀ ରୋଗ କ୍ଷେତ୍ରରେ ଅନ୍ତର୍ଜାତୀୟ ବିଶେଷଜ୍ଞ ତଥା ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଡେଙ୍ଗୁ ମଶା ପ୍ରଜନନକୁ ରୋକିବା ନିମନ୍ତେ ଘର ଓ ପରିବେଶକୁ ପରିଷ୍କାର ରଖିବା ଏବଂ ପାଣି ନଜମିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଡେଙ୍ଗୁ ଲାର୍ଭା ସ୍ଥିର କିମ୍ବା ବିଶୁଦ୍ଧ ପାଣିରେ ଦୀର୍ଘ ସମୟ ଯାଏଁ ବଂଚିରୁହେ। ତେଣୁ ଡେଙ୍ଗୁରୁ ରକ୍ଷା ପାଇବାକୁ ହେଲେ ଘର ଚାରିପାଖରେ ଯେପରି ପାଣି ଜମା ହୋଇ ନରୁହେ ସେନେଇ ଦୃଷ୍ଟି ଦେବାକୁ ହେବ। ସେହିପରି ଆଗକୁ ଆସୁଥିବା ମୌସୁମୀ ସମୟରେ ମଶାରୀ ବ୍ୟବହାର, ପୁରା ହାତ ପୋଷାକ ପିନ୍ଧିବା ଭଳି ନାନା ପ୍ରତିଷେଧକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ ଡ. ବିଶ୍ୱାସ। ଏମ୍ସ ଭୁବନେଶ୍ୱର ମେଡିସିନ୍(ଭେଷଜ) ବିଭାଗ ପକ୍ଷରୁ ଓପିଡି ପରିସରରେ ଆୟୋଜିତ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ସମେତ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଂଟ୍ କର୍ଣ୍ଣେଲ୍ ଅଭିଜିତ ସରକାର, ଭେଷଜ ବିଭାଗ ମୁଖ୍ୟ ଡ. ଅନୁପମ ଦେ, ଡ. ରଶ୍ମି ରଂଜନ ମହାନ୍ତି, ଡ. ଦେବାନନ୍ଦ ସାହୁ, ଡ. ଶ୍ରୀକାନ୍ତ ବେହେରା, ଶିଶୁ ବିଭାଗର ଡ. ରଶ୍ମୀ ରଂଜନ ଦାସ, ସିଏମ୍ଏଫଏମ୍ ବିଭାଗର ଡ. ଅରବିନ୍ଦ ସିଂହ ପ୍ରମୁଖ ଯୋଗଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଜି ଓଡ଼ିଶାର ଶାସନ...

୨୦୧୪ ପୂର୍ବରୁ ଧାରଣା ଥିଲା ଭାରତରେ କିଛି ବଦଳିବନି। ୨୦୧୪ ପରେ ମୋଦି ପରିବର୍ତ୍ତନର ନୂଆ ଧାରା ଆଣିଲେ। ଆଜି ୨୦୨୪ରେ ଲୋକେ ବିକଶିତ ଭାରତର ସ୍ୱପ୍ନ ଦେଖୁଛନ୍ତି। ରାଜନୀତିରେ କାମ କରିବାର ତରିକା ବଦଳାଇଦେଲେ ମୋଦି। ୧୦ ବର୍ଷ ତଳେ ନେତା ତୁଷ୍ଟୀକରଣର ରାଜନୀତି କରୁଥିଲେ। ଜାତି ଓ ଧର୍ମର ଲଢ଼େଇ କରି ଭୋଟବ୍ୟାଙ୍କର ରାଜନୀତି କରୁଥିଲେ। ମୋଦି ଆସିବା ପରେ ଜାତି ରାଜନୀତିକୁ ଧକ୍କା ଦେଇ ବିକାଶ ଚାଲିଲା। ଆଜି ରାଜନୀତିର ପରିଭାଷା ମୋଦି ବଦଳାଇ ଦେଇଛନ୍ତି। ମୋଦି ଯାହା କହିଥିଲେ ତାହା କରିଛନ୍ତି। ଯାହା ନକହିଥିଲେ ତାହା ମଧ୍ୟ କରିଛନ୍ତି ବୋଲି ନଡ୍ଡା କହିଛନ୍ତି।

### ମୁଖ୍ୟମନ୍ତ୍ରୀ ୨୪ ବର୍ଷ ଶାସନ...

ଗଲା ବୋଲି ସେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ସେପଟେ ଖଡ଼ଗେଙ୍କ ମନ୍ତବ୍ୟ ପ୍ରସଙ୍ଗରେ ବିଜେଡିର ପ୍ରତିକ୍ରିୟା ମିଳିନଥିବା ବେଳେ, ବିଜେପି କହିଛି- ସାରା ଦେଶରେ ମୋଦି ହାୱାକୁ ଦେଖି କଂଗ୍ରେସ ହତୋତ୍ସାହିତ ହୋଇପଡ଼ିଛି। ଲୋକଙ୍କ ଭରସା ଅଛି ଯେ, ପ୍ରଧାନମନ୍ତ୍ରୀ ମୋଦି ଗ୍ୟାରେଣ୍ଟି ଦେଇଛନ୍ତି ମାନେ ତାହା ନିଶ୍ଚିତ ପୂରଣ ହେବ।

### ସାଂସଦ ଅନୁଭବ ...

କୋର୍ଟ ଗତ ୧୩ ତାରିଖରେ ଅନୁଭବ ମହାନ୍ତିଙ୍କ ବିରୋଧରେ ଘଇଡ ଜାରି କରିଥିଲା। ଏହାକୁ ରଦ୍ଦ କରିବାକୁ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଉ ଆବେଦନରେ ଦର୍ଶାଇଥିଲେ, ବର୍ତ୍ତମାନ ଦେଶରେ ସାଧାରଣ ନିର୍ବାଚନ ଚାଲିଛି। ସେ ବିଜେପି ଷ୍ଟାର ପ୍ରଚାରକ ଅଛନ୍ତି। ଏହାଛଡା ମାଆଙ୍କ ଚିକିତ୍ସା ପାଇଁ ସେ ନୂଆଦିଲ୍ଲୀରେ ଥିବାରୁ ହାଜର ହୋଇପାରିନଥିବା ଦର୍ଶାଇ ସ୍ଥଗିତାଦେଶ ଜାରୀ କରିବାକୁ ଓକିଲ ମାଧ୍ୟମରେ ଯୁକ୍ତି ବାଢ଼ିଥିଲେ ଅନୁଭବ। କୋର୍ଟ ତାଙ୍କ ଯୁକ୍ତିକୁ ଗ୍ରହଣ କରି ଆସନ୍ତା ଶୁଣାଣି ଯାଏ ଘଇଡ କାର୍ଯ୍ୟକାରୀ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜୁଲାଇ ୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ୨୦୨୦ ମସିହାରେ ଡିସେମ୍ବର ୧୯ ତାରିଖରେ ବର୍ଷା ପ୍ରିୟଦର୍ଶିନୀଙ୍କ ପକ୍ଷରୁ ପୁରୀ ଘାଟ ଥାନାରେ ଏକ ଏତଲା ଦିଆଯାଇଥିଲା। ବର୍ଷା ଏତଲାରେ ଉଲ୍ଲେଖ କରିଥିଲେ ଯେ ଅନୁଭବ ଓ ତାଙ୍କ ଘରେ ରହୁଥିବା ୨ କର୍ମଚାରୀ ଖଗେନ୍ଦ୍ର ଓ ଅଜିତ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିଲେ। ବିନା ଅନୁମତିରେ ଦୁଇ କର୍ମଚାରୀ ତାଙ୍କ ରୁମ୍ ଭିତରକୁ ପଶି ଆସୁଥିଲେ। ରୁମ୍‌ରେ ପଶି ଭିଡିଓ ଶୁଟିଂ କରୁଥିଲେ। ଅନୁଭବଙ୍କ ନିର୍ଦ୍ଦେଶରେ ତାଙ୍କର ଦୁଇ କର୍ମଚାରୀ ଏପରି କରୁଥିଲେ ବୋଲି ସେ ଅଭିଯୋଗ କରିଥିଲେ।

### ବିଜେଡ଼ି କର୍ମୀଙ୍କ ଆକ୍ରମଣରେ...

ପୁଲିସ୍ କୋର୍ଟ ଚାଲାଣ କରୁଥିଲା। ହତ୍ୟା ଅଭିଯୁକ୍ତଙ୍କୁ ଆଖି ସାମ୍ନାରେ ଦେଖି ଧୈର୍ଯ୍ୟହରା ହୋଇଥିଲେ ମୃତକଙ୍କ ପରିବାର ଲୋକ, ବନ୍ଧୁବାନ୍ଧବ ଓ ବିଜେପି କର୍ମୀ। ସେମାନେ ଅଭିଯୁକ୍ତଙ୍କ ଉପରେ ପାଣି ପାଉଚ୍ ? ଓ ପାଣି ବୋତଲ ମାଡ଼ କରିଥିଲେ। ଏପରିକି ପୁଲିସ୍ ଉପରେ ମଧ୍ୟ ପାଣି ମାଡ଼ ହୋଇଥିଲା। ଯେଉଁଥିପାଇଁ ପୁଲିସ୍ ଲାଠି ଚାର୍ଜ କରିଥିଲା। ନ୍ୟାୟ ପାଇଁ ଆନ୍ଦୋଳନ କରୁଥିବା ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲା। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକମାନେ ପଥର ମାଡ଼ କରିଥିବା ଅଭିଯୋଗ ହୋଇଛି। ଯାହା ଫଳରେ ୭ ଜଣ ପୁଲିସ କର୍ମଚାରୀ ଓ ଅନେକ ଆନ୍ଦୋଳନକାରୀ ଆହତ ହୋଇଥିବା ଜଣାପଡ଼ିଛି। ଲୋକଙ୍କ ଘଉଡାଇବା ପରେ ପୁଲିସ୍‌ର ରାଗ ଶାନ୍ତ ପଡ଼ିନଥିଲା। ଥାନା ସମ୍ମୁଖରେ ଛିଡ଼ା ହୋଇଥିବା ଗାଡ଼ି ଗୁଡ଼ିକୁ ପିଟି ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା। ଭଙ୍ଗା ଯାଇଥିବା ଗାଡ଼ି ଭିତରେ ୧୦ରୁ ଅଧିକ ସାମ୍ବାଦିକଙ୍କ ଗାଡ଼ିଥିବା ଜଣାପଡ଼ିଛି। ପୁଲିସ୍‌ର ଲାଠି ଚାର୍ଜ ପରେ ଖଲ୍ଲିକୋଟ ଥାନା ଅଞ୍ଚଳରେ ଶାନ୍ତ ପଡ଼ିଛି। ତେବେ ସୁରକ୍ଷା ଦୃଷ୍ଟିରୁ ଗଞ୍ଜାମ ଜିଲ୍ଲାପାଳ ଥାନା ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। ଥାନାଠାରୁ ୧୦୦ ମିଟର ଭିତରେ ୫ରୁ ଅଧିକ ଲୋକ ଏକତ୍ର ନହେବା ପାଇଁ କୁହାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଖଲ୍ଲିକୋଟ ହିଂସାକାଣ୍ଡକୁ ନିନ୍ଦା କରିଛନ୍ତି ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା। ସେ ଢରେ ଲେଖିଛନ୍ତି, "ଗଣତନ୍ତ୍ରକୁ ଗୁଣ୍ଡାତନ୍ତ୍ରରେ ପରିଣତ କରିବାକୁ ଓଡ଼ିଶାର ଶାସକ ଦଳର ହୀନ ପ୍ରୟାସ। ନିର୍ବାଚନ ହାରିବା ଭୟରେ ହିଂସାତ୍ମକ କାଣ୍ଡ ଭିଆଉଛି ବିଜେଡି। ଗଞ୍ଜାମର ଖଲ୍ଲିକୋଟରେ ବିଜେଡି ଗୁଣ୍ଡାଙ୍କ ଆକ୍ରମଣରେ ଆମ ଦଳର କାର୍ଯ୍ୟକର୍ତ୍ତା ଦିଲ୍ଲୀପ ପାହାନଙ୍କ ମୃତ୍ୟୁର ଅଭାବନୀୟ ଘଟଣାକୁ ମୁଁ ଦୃଢ଼ ଭାବରେ ନିନ୍ଦା କରୁଛି । ଓଡ଼ିଶାବାସୀ ଏହାକୁ ଆଦୌ ବରଦାସ୍ତ କରିବେନି ଏବଂ ଏଥର ବିଜେଡିକୁ ଉଚିତ୍ ଜବାବ ଦେବେ। ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛି।ଦୁଃଖର ଏହି ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ପରିବାରକୁ ଅସୀମ ଧୈର୍ଯ୍ୟ ଏବଂ ସାହସ ପ୍ରଦାନ କରନ୍ତୁ । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ଗଭୀର ସମବେଦନା। ଓଁ ଶାନ୍ତି।"

### ସୁପ୍ରିମକୋର୍ଟଙ୍କ ବଡ଼ ...

ଗିରଫ କରିନାହିଁ, ତେବେ ଏହାପରେ ଆଉ ସଂସ୍ଥା ଅଭିଯୁକ୍ତଙ୍କୁ ଗିରଫ କରିପାରିବ ନାହିଁ। ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର କୋର୍ଟ ପ୍ରଥମେ ସମନ କରିବେ। ଯଦି ଅଭିଯୁକ୍ତ ସମନ ଅନୁସାରେ ହାଜରେ ହେଲେ, ତା'ହେଲେ ତାଙ୍କୁ ହେପାଜତକୁ ନେବାର ଆବଶ୍ୟକ ନାହିଁ। ଧାରା ୭୦ ଅନୁସାରେ ଗିରଫ ପରୱାନା ସେତେବେଳେ ଜାରି କରାଯାଇ ପାରିବ ଯେତେବେଳେ ଅଭିଯୁକ୍ତ ସମନର ଉତ୍ତର ଅଭିଯୁକ୍ତ ନ ଦେବେ। ପ୍ରଥମଥରରେ ଏହା ଜାମିନ ଯୁକ୍ତ ପରୱାନା ହେବ।

### ଆୟକର ବିଭାଗର....

ଶତାଧିକ ଅଧିକାରୀ ମେ' ୧୦ରୁ ୧୨ ତାରିଖ ଯାଏ ରେଡ୍ କରିଥିଲେ। ଅଧିକାରୀମାନେ ୨୫ଟି ଗାଡ଼ିରେ ଆସି ଅଲୀ ଭାଇ ଟାୱାର ସ୍ଥିତ ଭଣ୍ଡାରୀ ଫାଇନାନ୍ସ ପ୍ରାଇଭେଟ ଲିଃ ଅଫିସ, କୋଠାରୀ କମ୍ପ୍ଲେକ୍ସରେ ଥିବା ଅଫିସ, କୋକାଟେ କମ୍ପ୍ଲେକ୍ସରେ ଥିବା ୩ଟି ଅଫିସ ଓ ଆଦିନାଥ ଅର୍ବାନ ମଲ୍ଟିଷ୍ଟେଟ ସମବାୟ ବ୍ୟାଙ୍କରେ ରେଡ କରିଥିଲେ। ଏହାବାଦ ପାର୍ଶ ନଗର, ମହାବୀର ସୋସାଇଟୀ, ଫରାନ୍ଦେ ନଗର ଓ କାବ୍ରା ନଗରରେ ମଧ୍ୟ ରେଡ କରାଯାଇଥିଲା। ନାନ୍ଦେଦରେ ପ୍ରଥମଥର ପାଇଁ ଏତେ ବଡ଼ ରେଡ କରାଯିବା ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି।

### ପାଣିପାଗ ବିଭାଗର ...

ବାୟୁ ପହଂଚିଥିଲା । ଅର୍ଥାତ ଗୋଟିଏ ଦିନ ଆଗରୁ ପହଂଚୁଥିବା ବେଳେ ଓଡିଶାରେ ଜୁନ ୧୧ ରୁ ୧୬ ତାରିଖ ମଧ୍ୟରେ ମୌସୁମୀ ବାୟୁ ପହଂଚିବ ବୋଲି ପୂର୍ବାନୁମାନ କରାଯାଇଛି । ଗତବର୍ଷ ଜୁନ ୮ ତାରିଖରେ ମୌସୁମୀ ବାୟୁ କେରଳରେ ପହଂଚିଥିଲା । ଯଦି ମୌସୁମୀ ବାୟୁ କେରଳ ପହଂଚିବାର ଇତିହାସ ଦେଖିବା ତେବେ ୧୯୧୮ ମସିହାରେ ସବୁଠାରୁ ଶୀଘ୍ର ଅର୍ଥାତ ମେ ୧୧ ତାରିଖରେ ମୌସୁମୀ ବାୟୁ ପହଂଚିଥିବା ବେଳେ ସବୁଠୁ ବିଳମ୍ବ ୧୯୭୨ ମସିହାରେ ଜୁନ ୧୮ ତାରିଖରେ କେରଳରେ ମୌସୁମୀ

### ଇଡିର 'କେଜ୍ରିୱାଲ ବିରୋଧୀ' ...

ଅନ୍ତରୀଣ ଜାମିନ ଦେବା ବେଳେ କୌଣସି ସ୍ୱତନ୍ତ୍ର ସେବାର ଅଧିକାର ଦେଇ ନାହାନ୍ତି। କେବଳ ଲୋକସଭା ନିର୍ବାଚନରେ ପ୍ରଚାର ପାଇଁ ଅଧିକାର ଦିଆଯାଇଛି। ଆମେ କାହା ପାଇଁ କୌଣସି ବ୍ୟତିକ୍ରମ ରଖି ନାହୁଁ। ଯାହା ଯଥାର୍ଥ ସେକଥା ଆମ ନିର୍ଦ୍ଦେଶରେ ରହିଥିଲା। ରାୟର ସମାଲୋଚନାକୁ ଆମେ ସ୍ୱାଗତ କରିବୁ। ଆମ ନିର୍ଦ୍ଦେଶ ସ୍ପଷ୍ଟ ଥିଲା। ଆମେ ତାରିଖ ସ୍ଥିର କରିଛୁ। ଏଥିସହ ଅନ୍ତରୀଣ ଜାମିନ ପ୍ରଦାନ କରିବାର କାରଣ ମଧ୍ୟ କହିଥିଲୁ ବୋଲି ଖଣ୍ଡପୀଠ କହିଛନ୍ତି। ଏହାପରେ କେଜ୍ରିୱାଲଙ୍କ ଜାମିନ ରଦ୍ଦ ପାଇଁ ଇଡି କରିଥିବା ଅନୁରୋଧକୁ ଅଗ୍ରାହ୍ୟ କରି ଦେଇଛନ୍ତି। କେଜ୍ରିୱାଲଙ୍କ ଜାମିନକୁ ରଦ୍ଦ କରିବା ପାଇଁ ଇଡି ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ଯୁକ୍ତି ରଖିଥିଲେ। ସେ କହିଥିଲେ ଯେ କେଜ୍ରିୱାଲଙ୍କ ବୟାନ ଜାମିନ ନିୟମକୁ ସ୍ପଷ୍ଟ ଭାବେ ଉଲ୍ଲଙ୍ଘନ କରୁଛି। ଏହା ନ୍ୟାୟପାଳିକା ଗାଲରେ ଶକ୍ତ ଚାପୁଡ଼ା।

# ବଲାଙ୍ଗୀର ଜିଲ୍ଲାରେ ଆରମ୍ଭ ହୋଇଛି ପୋଷ୍ଟାଲ ବାଲାଟ ଭୋଟିଂ

ବଲାଙ୍ଗୀର, ୧୬/୫ (ନି.ପ୍ର): ଜିଲ୍ଲାରେ ଆରମ୍ଭ ହୋଇଛି ପୋଷ୍ଟାଲ ବାଲାଟ ଭୋଟିଂ। ନିର୍ବାଚନ ସମୟରେ ଜରୁରୀ ସେବାରେ ନିୟୋଜିତ ବିଭିନ୍ନ ବର୍ଗର କର୍ମଚାରୀ ପୋଷ୍ଟାଲ ବାଲାଟରେ ଭୋଟ୍ ଦେଉଛନ୍ତି। ଗଣମାଧ୍ୟମ, ଅଗ୍ନିସେବା, ପରିବହନ, ବିଦ୍ୟୁତ ସେବାରେ ନିୟୋଜିତ କର୍ମଚାରୀମାନେ ଆସନ୍ତା ୧୭ ତାରିଖ ଯାଏ ରିଟର୍ନିଙ୍ଗ ଅଧିକାରୀଙ୍କ କାର୍ଯ୍ୟାଳୟରେ ପୋଷ୍ଟାଲ ବାଲାଟ ମାଧ୍ୟମରେ ମତଦାନ କରିପାରିବେ। ଏଥିନିମନ୍ତେ ସମସ୍ତ ରିଟର୍ନିଙ୍ଗ ଅଧିକାରୀଙ୍କ କାର୍ଯ୍ୟାଳୟରେ ବ୍ୟବସ୍ଥା କରାଯାଇଛି। ବଲାଙ୍ଗୀରର ସମସ୍ତ ପାର୍ଥୀଙ୍କ ପାଇଁ ପୋଷ୍ଟାଲ ଭୋଟିଂ ସେଂଟର(ପିଭିସି) ଗୃହରେ ମତଦାନ କରାଯାଉଛି। ଲୋଇସିଂହା, କଂଟାବାଞ୍ଜି ନିମନ୍ତେ ରିଟର୍ନିଙ୍ଗ ଅଧିକାରୀଙ୍କ ଅଫିସ ଗୃହ ଏବଂ ପାଟଣାଗଡ଼, ବଲାଙ୍ଗୀର, ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମତଦାନ ସୁବିଧା ହେଇଛି। ସେହିପରି ଭିନ୍ନକ୍ଷମ ଓ ୮୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିମାନଙ୍କୁ ହୋମ ଭୋଟିଂ ମାଧ୍ୟମରେ ଘରେ ଘରେ ମତଦାନ ବ୍ୟବସ୍ଥା କରାଇଛି ପ୍ରଶାସନ। ୮୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବର୍ଗରେ ୨୧୬ ଜଣ ଏବଂ ୪୭୨ ଜଣ ଭିନ୍ନକ୍ଷମ ହୋମ ଭୋଟିଂ ପାଇଁ ଆବେଦନ କରିଥିଲେ। ଏଠାରେ ବିଭିନ୍ନ ଟିମ୍‌ରେ ଘରକୁ ଘର ଯାଇ ପ୍ରଶାସନ ତରଫରୁ ମତଦାନ ସଂଗ୍ରହ କରାଯାଉଛି।

# ପଶ୍ଚିମବଙ୍ଗ ମାଫିଆଙ୍କ ଓଡ଼ିଶା ସୀମା ଭିତରୁ ବ୍ୟାପକ ବାଲି ଉତ୍ତୋଳନ: ରାଜ୍ୟ ପ୍ରଶାସନର ତଦନ୍ତ ଦାବି



ଜଳେଶ୍ୱର, ୧୬/୫ (ନି.ପ୍ର): ସମଗ୍ର ଦେଶରେ ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଶାସନ କଳ ବ୍ୟସ୍ତତା ମଧ୍ୟରେ ରହିଛି। ତେଣୁ ଗତ ୧୫ ଦିନ ହେବ, ସୁବର୍ଣ୍ଣରେଖା ନଦୀର ସୀମାନ୍ତ ବିଳାସପୁର ଘାଟ ଠାରେ ପଶ୍ଚିମବଙ୍ଗ ର ବାଲି ମାଫିଆ ମାନେ ବ୍ୟାପକ ବେଆଇନ୍‌ଭାବେ ବାଲି ଉତ୍ତୋଳନ ସହିତ ଚାଲାଣ କରିଆସୁଛନ୍ତି। ପ୍ରଚଣ୍ଡ ରୌଦ୍ରତାପ କୁ ଖାତିରି ନକରି ଦିବାରାତ୍ର ଶହ ଶହ ଡମ୍ଫର ଓ ଟ୍ରାକ୍ଟର ନଦୀ ଭିତରକୁ ଯିବା ଆସିବା କରୁଛି ।ଗାଡିଗୁଡିକ ଚଳପ୍ରଚଳ ପାଇଁ ନଦୀ ଭିତରେ ବନ୍ଧ ପକାଇ ଜଳର ଗତିପଥ କୁ ବଦଳାଇଛନ୍ତି । ସୁବର୍ଣ୍ଣରେଖା ଅବବାହିକାର ସୀମାନ୍ତ ରେ ବାଲି ଉତ୍ତୋଳନ ନେଇ ଓଡ଼ିଶା ପଶ୍ଚିମବଙ୍ଗ ପ୍ରଶାସନ ମଧ୍ୟରେ ବହୁ ଆଲୋଚନା ପର୍ଯ୍ୟାଲୋଚନା ପରେ ଡ୍ରୋନ ସାହାର୍ଯ୍ୟ ରେ ମାପ ଚୁପ୍ ହୋଇ ନାଲି ପତାକା ପୋତା ହୋଇଥିଲା। କିନ୍ତୁ ନିର୍ବାଚନ ରେ ପ୍ରଶାସନ ଅଧିକ ସକ୍ରିୟ ଥିବା ବେଳେ ପଶ୍ଚିମବଙ୍ଗ ମାଫିଆ ମାନେ ଓଡ଼ିଶା ସୀମା ମଧ୍ୟରେ ପ୍ରବେଶ କରି ଅହୋରାତ୍ର ବାଲି ଉତ୍ତୋଳନ ଓ ଚାଲାଣ ସହିତ କୋଟି କୋଟି ଟଙ୍କାର ଅର୍ଥ ଲୁଟ କରୁଛନ୍ତି। ଫଳରେ ନଦୀର ପ୍ରାକୃତିକ ଗତିପଥ ପରିବର୍ତ୍ତନ ସମ୍ଭାବନା ଦେଖା ଦେଇଛି। ବାଲି ମାଫିଆ ମାନେ ଟ୍ରାକ୍ଟର ପ୍ରତି ୮୦୦୦ ଟଙ୍କାରେ ବିକ୍ରି କରୁଥିଲା ବେଳେ ଓଡ଼ିଶା ରାଜ୍ୟ ନିଶ୍ଚିତ ଭାବେ କୋଟି କୋଟି ରାଜସ୍ୱ ହରାଇବା ସହିତ ରାଜ୍ୟ ସ୍ୱାଭିମାନ ପ୍ରତି ଘୋର କୁଠାରାଘାତ ହେଉଛି ।ସୁବର୍ଣ୍ଣରେଖା ନଦୀର ପଶ୍ଚିମ ପଟେ ଓଡ଼ିଶା ରାଜ୍ୟର ରାଇବଣିଆ ଥାନା ଅନ୍ତର୍ଗତ ମାକିଡିଆ, ଗୋପାଳପୁର ଓ ରାଜନଗର, ଓଲମରା ଗ୍ରାମ ରହିଥିବା ବେଳେ ନଦୀର ପୂର୍ବ ପଟ ପର୍ଯ୍ୟନ୍ତ ଓଡ଼ିଶା ର ସୀମା ରହିଅଛି ।ନଦୀର ପଶ୍ଚିମ ପଟେ ପଶ୍ଚିମବଙ୍ଗ ର ଦାନ୍ତୁନ ଥାନା ଅନ୍ତର୍ଗତ ବେଲମୂଳା, ପାନଶୁଳା, ଛତ୍ରପାଲ, ବାଲିଡାଙ୍ଗିରୀ, ବଇଁଚା ଇତ୍ୟାଦି ନଈ କୂଳ ଗାଁ ଅବସ୍ଥିତ। ପଶ୍ଚିମବଙ୍ଗର ଉପରୋକ୍ତ ଗାଁ ନିକଟରେ ନଦୀ ପାରିହେବା ଲାଗି ଜଳସ୍ରୋତ ଉପରେ ଅସ୍ଥାୟୀ କାଠ ପୋଲ ନିର୍ମାଣ କରି ନଇ ବାଲି ଉପରେ ମୋରମ ପକାଇ ରାସ୍ତା ନିର୍ମାଣ କରିଛନ୍ତି ।ବର୍ଷା ଋତୁ ପରେ ଉପରୋକ୍ତ ଅଞ୍ଚଳର ଲୋକେ ପଶ୍ଚିମବଙ୍ଗ ନଦୀ ପଠାରୁ ବାଲି ନେବା ସହିତ ଓଡ଼ିଶା ଅଞ୍ଚଳର ବିସ୍ତିର୍ଣ୍ଣ ନଦୀ ପଠାରୁ ଜବରଦସ୍ତ କବଜାକୁ ନେଇ ଯାଇଥାନ୍ତି ।ଖଣି, ଜଙ୍ଗଲ, ପରିବେଶ, ରାଜସ୍ୱ ଇତ୍ୟାଦି ବିଭାଗ ର ନିୟମ କୁ ଉଲଂଘନ କରି ବାଲି ମାଫିଆ ମାନେ ବାଲି ଉତ୍ତୋଳନ କରୁ ଥିବାରୁ ଅତୀତରେ ଏନଜିଟିରେ ବାରମ୍ବାର ମାମଲା ରୁଜୁ ହୋଇଥିଲା। ଏନଜିଟି ର ନିୟମ କୁ ବାଲି ମାଫିଆ ମାନେ ଅମାନ୍ୟ କରି ବାଲି ଉତ୍ତୋଳନ କରୁଥିଲା ବେଳେ କେତେକ ଅସାଧୁ ପ୍ରଶାସନ ବାଲି ମାଫିଆ ଙ୍କୁ ସହାୟତା କରି ଆସୁଛନ୍ତି ।ଏନଜିଟି ର ନିର୍ଦ୍ଦେଶ ଅନୁଯାୟୀ ୧୯୨୬ ମସିହାରେ ତତ୍କାଳୀନ ଜିଲ୍ଲାପାଳ ଏସ ସୋଲେମାନ ନିର୍ଦ୍ଧାରଣ କରିଥିବା ନଦୀ ଗର୍ଭ ର ସୀମା କୁ ଅଧିକ ସ୍ପଷ୍ଟ ଓ ସୁରକ୍ଷିତ କରିବାକୁ କହିଛନ୍ତି ।କିନ୍ତୁ ଓଡ଼ିଶା ସରକାରଙ୍କ ପକ୍ଷରୁ ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ତହସିଲ ପକ୍ଷରୁ ବାରମ୍ବାର ମାପ ଚୁପ୍ କରାଯାଇ ପ୍ରଥମେ ନାଲି ପତାକା ଓ ପରେ କଂକ୍ରିଟ ପିଲର ନିର୍ମାଣ କରିଥିଲେ ମଧ୍ୟ ପଶ୍ଚିମବଙ୍ଗ ବାଲି ମାଫିଆ ସେଗୁଡିକୁ ଅବଜ୍ଞା କରିଛନ୍ତି। ପଶ୍ଚିମବଙ୍ଗ ସରକାର ବେଲମୂଳା, ବାଲିଡାଙ୍ଗିରୀ ଅଞ୍ଚଳ ର ବାଲି ପଠା କୁ ନିଲାମ ଦେଇଛନ୍ତି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଓଡ଼ିଶା ପଟେ ଓଲମରା, ରାଜନଗର ଓ ଗୋପାଳପୁର ବାଲି ପଠା ନିଲାମ ହୋଇ ନ ଥିବାର ରାଜସ୍ୱ ଓ ଖଣି ବିଭାଗ ପକ୍ଷରୁ ପ୍ରକାଶ। ରାଇବଣିଆ ର ମାକଡିଆ, ଓଲମାରା, ଗୋପାଳପୁର ରାଜନଗର ପ୍ରମୁଖ ବିସ୍ତିର୍ଣ୍ଣ ଅଞ୍ଚଳର ଲୋକେ ଏହି ଅସ୍ଥାୟୀ ପୋଲ ସାହାଯ୍ୟ ରେ ନିକଟସ୍ଥ ବଙ୍ଗଳାର ଦାନ୍ତୁନ ବଜାରକୁ ଯିବା ଆସିବା କରନ୍ତି ।ଏହି ମୌକା ରେ ଘାଟଧାରୀ ଓଡ଼ିଶାର ପଥାଚାରୀ ଙ୍କ ଠାରୁ ମନମୁତାବକ ଅର୍ଥ ଅସୁଲ କରୁଛନ୍ତି। ଏହି ସମସ୍ତ ସୀମାନ୍ତ ଅଞ୍ଚଳରେ ବିଭିନ୍ନ କାରଣରୁ ଦୁଇ ରାଜ୍ୟର ଲୋକଙ୍କ ମଧ୍ୟର୍ଦ୍ୱୋଦ ଉପୁଜିଥାଏ। ତେଣୁ ଏହାର ସଂଜ୍ଞାନ ନେଇ ୨ରାଜ୍ୟ ପ୍ରଶାସନ, ସୀମାନ୍ତରେ ବେଆଇନ ବାଲି ଉତ୍ତୋଳନ ଓ ପରିବେଶ ଉଲଘଂନ ଓ ଶୋଷଣ ବିରୁଦ୍ଧରେ ତୁରନ୍ତ ତଦନ୍ତ କରି ପଦକ୍ଷେପ ନେବାକୁ ଦାବୀ ହୋଇଛି।

# ସେଲ ଆରଏସପିର ଷ୍ଟ୍ରକଚରାଲ୍ ଏବଂ ଫ୍ୟାବ୍ରିକେସନ୍ ସପ ବିଭାଗୀୟ ସାମୁହିକଙ୍କ ଦ୍ୱାରା ନିଜସ୍ୱ ସମ୍ବଳ ଉପଯୋଗ ପୂର୍ବକ ନୂତନ ପ୍ଲେଟ୍ ମିଲର କ୍ୟାଚର୍ ଆସେମ୍ବଲିଗୁଡିକ ସଫଳ ମରାମତି



ରାଉରକେଲା, ୧୬/୫ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ସଂସ୍ଥା-ଷ୍ଟ୍ରକଚରାଲ୍ ଏବଂ ଫ୍ୟାବ୍ରିକେସନ୍ ର କର୍ମଚାରୀମାନେ ରୋଲିଙ୍ଗ ପ୍ଲେଟ ମାନ ରକ୍ଷା ପାଇଁ ମହତ୍ତ୍ୱପୂର୍ଣ୍ଣ ନୂତନ ପ୍ଲେଟ୍ ମିଲ୍ ର ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ୟାଚର୍ ଆସେମ୍ବ୍ଲିର ନିଜସ୍ୱ ରୂପେ ମରାମତି କରି ସେମାନଙ୍କର ଦକ୍ଷତା ଏବଂ ପାରଦର୍ଶୀତାକୁ ଦୋହରାଇଛନ୍ତି। ଏହି ପ୍ରୟାସ ମିଲର କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବା ସହିତ ଏହି ପ୍ରୟାସରେ ବିପୁଳ ପରିମାଣର ଖର୍ଚ୍ଚ ସଞ୍ଚୟ ହୋଇପାରିଛି। ସୂଚନାଯୋଗ୍ୟ ଯେ, ମିଲର ପାସ୍ ଲାଇନ୍ ଉପରେ ଫିନିସିଂ ମିଲର ପ୍ରବେଶ ଏବଂ ପ୍ରସ୍ଥାନ ପାର୍ଶ୍ୱରେ ରଣନୈତିକ ଭାବରେ ସ୍ଥାପିତ କ୍ୟାଚର ଆସେମ୍ବଲିଗୁଡିକ ରୋଲ୍ କୁଲିଂ ସ୍ପ୍ରେ ଜଳ ସଂଗ୍ରହରେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ। ଏହି ଜଳ, ଯଦି ଯାଞ୍ଚ ହୋଇନଥାଏ, ପ୍ଲେଟଗୁଡିକର ଆକାଙ୍କ୍ଷିତ ଗୁଣ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ବର୍ଷ ବର୍ଷ ଧରି ଅନବରତ କାର୍ଯ୍ୟ କରିବାପରେ କ୍ୟାଚର ଆସେମ୍ବଲିର ପ୍ରତିଫଳକ ପ୍ଲେଟଗୁଡିକର କ୍ଷୟ ହୋଇଯାଇଥିଲା। ଏହାର ମରାମତି ଆହ୍ୱାନକୁ ସମୁଦାୟିକ ଗ୍ରହଣ କରିଥିଲେ। ସଂସ୍ଥା-ଷ୍ଟ୍ରକଚରାଲ୍ ଏବଂ ଫ୍ୟାବ୍ରିକେସନ୍ ବିଭାଗର ଜିଏମ୍ ଶ୍ରୀ ଏସ୍ ସି ସାବତଙ୍କ ମାର୍ଗଦର୍ଶନରେ ଏହି ସଂପୂର୍ଣ୍ଣ ମରାମତି ପ୍ରକ୍ରିୟାର ପରିସର ସ୍ଥିର ହୋଇଗଲା । ଆହ୍ୱାନଗୁଡିକ ସତ୍ତ୍ୱେ ଷ୍ଟ୍ରକଚରାଲ୍ ଏବଂ ଫ୍ୟାବ୍ରିକେସନ୍ ବିଭାଗର ସାମୂହିକ ଏହି ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକୁ ସେମାନଙ୍କର ପୂର୍ବ କାର୍ଯ୍ୟକ୍ଷମତାକୁ ଫେରାଇଆଣିବା ପାଇଁ ଏକ ଅଭିଯାନ ଆରମ୍ଭ କରିଥିଲେ। କ୍ଷତିଗ୍ରସ୍ତ ପ୍ରୋଫାଇଲ୍ ବ୍ରେଡ୍ ପ୍ଲେଟଗୁଡିକର ସ୍ଥାନାନ୍ତର ଏବଂ ଅତିରିକ୍ତ ଷ୍ଟିଫନର୍ ସହିତ ଦୃଢ଼ିକରଣ ସହିତ ଜଡିତ ଏକ ଯତ୍ନଶୀଳ ପ୍ରକ୍ରିୟା ମାଧ୍ୟମରେ, କ୍ୟାଚର୍ ଆସେମ୍ବଲିଗୁଡିକ ସେମାନଙ୍କର ସର୍ବୋଚ୍ଚ ସ୍ଥିତିରେ ପୁନଃସ୍ଥାପନା କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଏହି ଉଚ୍ଚ ମୂଲ୍ୟର ସ୍ପେୟାରଗୁଡିକର ସଫଳ ମରାମତି ନା କେବଳ ନୂତନ ପ୍ଲେଟ୍ ମିଲ୍ ଫିନିସିଂ ମିଲ୍ ର ନିରବଚ୍ଛିନ୍ନ କାର୍ଯ୍ୟକୁ ସୁନିଶ୍ଚିତ କରେ ବରଂ ନଗଦ ଖର୍ଚ୍ଚରେ ମଧ୍ୟ ବହୁ ସଞ୍ଚୟ ସୁନିଶ୍ଚିତ କରିଛି। ଆଭ୍ୟନ୍ତରୀଣ ପାରଦର୍ଶୀତା ଏବଂ ଅଭିନବ ସମାଧାନର ଉପଯୋଗ କରି ମିଲ୍ ଦକ୍ଷତା ଏବଂ ବ୍ୟୟ-ନିପୁଣତା ପ୍ରତି ଅଙ୍ଗୀକାରବଦ୍ଧତାର ଏକ ଉଦାହରଣ ସୃଷ୍ଟି କରିଛି।

# ଯୌତୁକ ଜୁଇରେ ଚାଲିଗଲା ନବବଧୂଙ୍କ ଜୀବନ

ଜୟପୁର, ୧୬/୫ (ନି.ପ୍ର): ଯୌତୁକ ଜୁଇରେ ଚାଲିଗଲା ନବବଧୂଙ୍କ ଜୀବନ । ଏଭଳି ଅଭିଯୋଗ ଆସିଛି କୋରାପୁଟରୁ । ବାହାଘରର ସିନ୍ଦୂର ଲିଭିନାହିଁ, ଘର କାନ୍ଥର ଚିତ୍ର ଲିଭିନାହିଁ, କିନ୍ତୁ ଯୌତୁକ ପାଇଁ ଡିଜେଲ ଢାଳି ଝିଅକୁ ଶ୍ୱଶୁର ଘର ଲୋକେ ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି ଝିଅଙ୍କ ପରିବାର ଲୋକେ । ଶରୀରର ୯୦ ପ୍ରତିଶତ ଜଳିଯିବା ପରେ ଯନ୍ତ୍ରଣାରେ ଛଟପଟ ହୋଇ ପ୍ରାଣ ହରାଇଛନ୍ତି ନବବଧୂ ମାଲକାନଗିରିର ୨୩ ବର୍ଷିୟା ଶିବାନୀ ସିଂ । ବାହାଘରର ଦୁଇମାସ ହୋଇନି କିନ୍ତୁ ଚାଲିଗଲା ଜୀବନ । କାନ୍ଥରେ ଏବେ ବି ବାହାଘର ଲେଖା ଫିକା ପଡିନି । କିନ୍ତୁ ସ୍ୱାମୀଙ୍କ ସହ ସାତ ଫେରା ନେଇ ସୁଖଦୁଃଖରେ ସାଥୀ ହେବାକୁ ଅଗ୍ନି ଆଗରେ ସାକ୍ଷୀ ରଖିଥିବା ଶିବାନୀ ସ୍ୱପ୍ନ ଚୁରମାର ହୋଇଛି । ନିଆଁରେ ଶରୀରର ୯୦ ପ୍ରତିଶତ ପୋଡି ଯିବା ପରେ ଛଟପଟ ହୋଇ ଚାଲିଯାଇଛି ତାଙ୍କ ଜୀବନ । ଅଭିଯୋଗ ହୋଇଛି, ନବବଧୂଙ୍କୁ ଡିଜେଲ ଢାଳି ହତ୍ୟା କରିଛନ୍ତି ସ୍ୱାମୀ, ଶ୍ୱଶୁର ଓ ଶାଶୁ । ଝିଅର ପରିବାର ଲୋକେ ଅଭିଯୋଗ କରିଛନ୍ତି ଯୌତୁକ ପାଇଁ ଶିବାନୀଙ୍କୁ ହତ୍ୟା କରାଯାଇଛି । ଦୁଇ ମାସ ତଳେ ବିବାହ କରିଥିବା ଶିବାନୀଙ୍କ ଅଚାନକ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରିନାହାନ୍ତି ସ୍ଥାନୀୟ ଲୋକେ । ଦୁଇ ମାସ ତଳେ ମାଲକାନଗିରି ଏମଭି ଗାଁର ଝିଅ ଶିବାନୀ ସିଂ କୋରାପୁଟ ପାଢୁଆର ଗାଁର ପ୍ରଭାସ ସିଂଙ୍କୁ ବାହା ହୋଇଥିଲେ । ଆବଶ୍ୟକ ଅନୁସାରେ ଝିଅଘର ଜିନିଷ ପତ୍ର ବି ଦେଇଥିଲେ । କିନ୍ତୁ, ଯୌତୁକ ନିଆଁରେ ଯେ ଶିବାନୀଙ୍କ ଜୀବନ ଅକାଳରେ ଚାଲିଯିବ ତାହା କାହାକୁ ଜଣାଥିଲା । ମାମଲା ରୁଜୁ ହେବା ପରେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି । ପ୍ରଶ୍ନ ଉଠୁଛି, କେବେ ଥମିବ ଯୌତୁକର ଏହି ନିଆଁ । ଶିବାନୀଙ୍କ ଏହି ଅସ୍ୱାଭାବିକ ମୃତ୍ୟୁ ପାଇଁ ଦୋଷୀଙ୍କୁ ଦଣ୍ଡ ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

# ସାରସକ୍ଷେତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ବାରିପଦା, ୧୬/୫ (ନି.ପ୍ର): ସାରସକଣା ଶ୍ରୀଜଗନ୍ନାଥ ପୀଠ ସାରସକ୍ଷେତ୍ରରେ ଆଗାମୀ ଜୁଲାଇ ୦୭ ରୁ ୧୫ ତାରିଖ ଅନୁଷ୍ଠିତ ହେବାକୁ ଥିବା କ୍ଷେତ୍ରର ତ୍ରୟୋବିଂଶତମ ରଥଯାତ୍ରା ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଗତ ତା: ୧୫.୫.୨୦୨୪ ଦେଉଳ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା ମ୍ୟାନେଜିଂ ଟ୍ରଷ୍ଟି ପଦ୍ମନାଭ ସାହୁ ପୌରୋହିତ୍ୟ କରିଥିବା ବେଳେ ଆଗାମୀ ରଥଯାତ୍ରାକୁ ନେଇ ସ୍ନାନପୂର୍ଣ୍ଣିମା, ରଥ ନିର୍ମାଣ, ମାଉସୀ ମା' ମନ୍ଦିରର ରଙ୍ଗକାମ, ଛେରାପହଁରା, ଜନ୍ମବେଦୀରେ ଦିଅଁଗଣଙ୍କ ଦୈନନ୍ଦିନ ବେଶ, ରଥଯାତ୍ରା ଉପଲକ୍ଷେ ମେଳା, ଶ୍ରୀଗୁଣ୍ଡିଚାରେ କ୍ଷେତ୍ରରୁ ବର୍ଷକୁବର୍ଷ ପ୍ରକାଶ ପାଇ ଆସୁଥିବା ଆଧ୍ୟାତ୍ମିକ ସାହିତ୍ୟ ପତ୍ରିକା 'ହେ' ଭଗତେ..' ପ୍ରକାଶନ ଇତ୍ୟାଦି ବିଷୟରେ ପୁଂଖାନୁପୁଂଖ ଆଲୋଚନା ହୋଇଥିଲା। ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ଓ ମନ୍ଦିର ପରିଚାଳନା କମିଟିର ସଦସ୍ୟ ସର୍ବଶ୍ରୀ ଯତୀନ ଚନ୍ଦ୍ର ସାହୁ, ମନୋଜ ରଞ୍ଜନ ଦାଶ, ବାସୁଦେବ ସାହୁ, ଦୁର୍ଗା ପ୍ରସାଦ ନନ୍ଦୀ, ସୁଧିରଞ୍ଜନ ସାହୁ, ପ୍ରଦୀପ କୁମାର ପାଲିତ, ଶିବାନନ୍ଦ ସାହୁ, ହିମାଂଶୁ ଶେଖର ସାହୁ, ନବକିଶୋର ସେଠୀ, ସୁନୀଲ କୁମାର ସାହୁ, ଗୋଲକ ଦଣ୍ଡପାଟ, ଅନ୍ତର୍ଯ୍ୟାମୀ ସାହୁ, ବାଘରାୟ ମାଝୀ ଓ ଦିବ୍ୟସୁନ୍ଦର କର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମତାମତ ରଖିଥିଲେ। ପରିଚାଳନା କମିଟିର ସମ୍ପାଦକ ଜଗନ୍ନାଥ ସାହୁ ବୈଠକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣତି ପାଇଁ ମାଷ୍ଟର ଟ୍ରେନରମାନଙ୍କୁ ତାଲିମ୍



ଭଦ୍ରକ, ୧୬/୫ (ନି.ପ୍ର): ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନ ପାଇଁ ଜୁନ୍ ୪ ତାରିଖରେ ହେବାକୁ ଥିବା ଗଣତି କାର୍ଯ୍ୟକ୍ରମ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦୁଇ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ସମ୍ବିତ କୁମାର ଗଡ଼ନାୟକ, ସି.ଡ଼ି.ଓ. ସରୋଜ କୁମାର ଦତ୍ତ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ପ୍ରମୁଖ ଯୋଗ ଦେଇ ବୈଠକରେ ଉପସ୍ଥିତ ସମସ୍ତ ସହାୟକ ରିଟର୍ଣ୍ଣିଂ ଅଧିକାରୀ ଓ ପ୍ରଶିକ୍ଷାର୍ଥୀ ଭାବେ ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ । ଗଣତି ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟକୁ ଭଲ ଭାବେ ବୁଝି ସନ୍ଦେହ ମୁକ୍ତ ହେବା ଏବଂ ସେଥିପାଇଁ ନିର୍ବାଚନ ଆୟୋଗ ଦ୍ୱାରା ଜାରି କରାଯାଇଥିବା ମାର୍ଗ ଦର୍ଶିକାକୁ ଭଲ ଭାବେ ପଢ଼ିବାକୁ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଥିଲେ। ଦୃଶ୍ୟ ଫଳକ ଜରିଆରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମହାନ୍ତି ପୋଷ୍ଟାଲ ଭୋଟ୍‌ରେ ବ୍ୟବହୃତ ବିଭିନ୍ନ ଫର୍ମ ବ୍ୟାଲଟ୍ ପେପର ଓ ତାହାର ଗଣତି ପ୍ରକ୍ରିୟା ସମ୍ବନ୍ଧରେ ଟିକିନିଖି ବୁଝାଇଥିଲେ । ସୂଚନାଯୋଗ୍ୟକି ଗଣତି ଦିନ ସକାଳ ୮ ଘଟିକାରେ ପ୍ରଥମେ ପୋଷ୍ଟାଲ ଭୋଟ ରୁ ହିଁ ଗଣତି କାର୍ଯ୍ୟ ଆରମ୍ଭ ହେବ । ପୋଷ୍ଟାଲ ଭୋଟ ଗଣତିର ଅଧଘଣ୍ଟାଏ ପରେ ଅର୍ଥାତ ୮ଘ ୩୦ମିରେ ଇଭିଏମ୍‌ର ଭୋଟ ଗଣତି ପ୍ରକ୍ରିୟା ଆରମ୍ଭ କରାଯିବ । ଇ.ଭି.ଏମ୍.ର ଭୋଟ ଗଣତି ପ୍ରକ୍ରିୟାର ପ୍ରତିଟି ପର୍ଯ୍ୟାୟ ସମ୍ବନ୍ଧରେ ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ପ୍ରଶ୍ନୋତ୍ତର ଜରିଆରେ ତାଲିମ ପ୍ରଦାନ କରାଯାଇଥିଲା । ପ୍ରକାଶଥାଉକି ୪୬- ଧାମନଗର(ଏସ.ସି.) ବିଧାନ ସଭା ଓ ବିଧାନସଭା ସେଗ୍‌ମେଣ୍ଟ ପାଇଁ ଜିଲ୍ଲା କାର୍ଯ୍ୟାଳୟ ନିକଟସ୍ଥ ସଂସ୍କୃତି ଭବନରେ ଓ ଜିଲ୍ଲାର ଅନ୍ୟ ୪ଟି ବିଧାନସଭା ଓ ବିଧାନସଭା ସେଗ୍‌ମେଣ୍ଟ ପାଇଁ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗଣତି ପାଇଁ ପ୍ରସ୍ତୁତି କରାଯାଇଛି ।

# ମହାବୀର ଫାଉଣ୍ଡେସନ ସଦସ୍ୟଙ୍କ ମହନୀୟତା: ଆହତ ବ୍ୟକ୍ତିଙ୍କୁ ମେଡିକାଲ ଆଣି ଯୋଗାଇ ଦେଲେ ଚିକିତ୍ସା ସେବା



ନିଳଗିରି , ୧୬/୫ (ନି.ପ୍ର): କେବଳ ନୀଳଗିରିର ନୁହଁ ସମଗ୍ର ବାଲେଶ୍ୱର ଜିଲ୍ଲାରେ ତଥା ଅନ୍ୟଜିଲ୍ଲାରେ ଉକ୍ତ ସେବା ସଙ୍ଗଠନ ନିଜର ସେବା କରି ଅନେକ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଥିବାବେଳେ ମାନବ ସେବାହି ମାଧବ ସେବା ବୋଲି ସଦସ୍ୟ ମାନେ ପ୍ରକାଶ କରିଛନ୍ତି। ଗୁରୁବାର ଦିନ ଭାଲୁକାଶୁଣି ରାସ୍ତାରେ ଏକ ଯୁବକ ବାଇକ୍ ସହ ଆହତ ଅବସ୍ଥାରେ ପଡିଥିବାର ମହାବୀର ଫାଉଣ୍ଡେସନର ପ୍ରତିଷ୍ଠାତା ବିଦ୍ୟାଧର ବାରିକ ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଏକ କାର୍ ଭଡାକରି ନିଳଗିରି ମେଡ଼ିକାଲକୁ ଆଣିଥିଲେ। ଉକ୍ତ ଘଟଣା ଫାଉଣ୍ଡେସନର ସଦସ୍ୟମାନେ ଜାଣିବା ପରେ ସଙ୍ଗେ ସଙ୍ଗେ ନିଳଗିରି ମେଡିକାଲରେ ପହଞ୍ଚି ଡାକ୍ତର ଡାକି ଚିକିତ୍ସା ଆରମ୍ଭ କରିଥିଲେ। ତେବେ ଆହତ ଯୁବକ ଜଣକ ପୁରୀ ଅଞ୍ଚଳର ହୋଇଥିବା ବେଳେ ତାଙ୍କ ନାମ ଅଭିମନ୍ୟୁ ପ୍ରଧାନ ବୋଲି ଜଣାପଡିଛି। ଖବର ପାଇ ଆହତ ଯୁବକଙ୍କ ସ୍ତ୍ରୀ ନୀଳଗିରି ମେଡିକାଲରେ ପହଞ୍ଚିଥିଲେ।ସେ ମୟୂରଭଞ୍ଜ ଜିଲ୍ଲାରେ ଚାକିରୀ କରନ୍ତି ବୋଲି ତାଙ୍କ ସ୍ତ୍ରୀଙ୍କ ଠାରୁ ପ୍ରକାଶ।ମହାବୀର ଫାଉଣ୍ଡେସନର ଏପରି କାର୍ଯ୍ୟକୁ ମହିଳା ଜଣକ ପ୍ରଶଂସା କରିବା ସହ ସମସ୍ତ ସଦସ୍ୟଙ୍କୁ ସାଧୁବାଦ୍ ଜଣାଇଥିଲେ। ପରେ ବାଇକ୍ ଚାବି ଫାଉଣ୍ଡେସନର ମୁଖ୍ୟ ବିଦ୍ୟାଧର ବାରିକ ତାଙ୍କ ସ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ମହାବୀର ଫାଉଣ୍ଡେସନର ଏପରି କାର୍ଯ୍ୟକୁ ପ୍ରଶଂସା କରାଯାଉଛି।

# କୁଳିଦା ସରପଞ୍ଚଙ୍କ ମାତୃ ବିୟୋଗ



ବସ୍ତା , ୧୬/୫ (ନି.ପ୍ର): ବସ୍ତା ଥାନା ଅଧିନସ୍ଥ କୁଳିଦା ପଞ୍ଚାୟତ ଧୂଳିଉଡା ଗ୍ରାମର ସମାଜସେବୀ କୃଷ୍ଣ ଚନ୍ଦ୍ର ସେନାପତିଙ୍କ ମାତା ପଦ୍ମା ମଣୀ ସେନାପତି (୮୭)ବୟସରେ ମୃତ୍ୟୁବରଣ କରିଛନ୍ତି। ସେଜଣେ ଧର୍ମପରାୟଣ ପରୋପକାରୀ, କର୍ତ୍ତବ୍ୟନିଷ୍ଠ ଭାବେ ଉକ୍ତ ଅଞ୍ଚଳରେ ଜଣାଶୁଣାଥିଲେ । ତାଙ୍କର ପୁତ୍ରବଧୂ ଅନ୍ନପୂର୍ଣ୍ଣା ସେନାପତି କୁଳିଦା ପଞ୍ଚାୟତର ସରପଞ୍ଚ ଅଛନ୍ତି । ତାଙ୍କ ମୃତ୍ୟୁ ସମୟରେ ପୁତ୍ର ରାଧାକୃଷ୍ଣ, ଜୟକୃଷ୍ଣ ପୁତ୍ରବଧୂ ସୁବାଷିନୀ ସେନାପତି, ମମତା ସେନାପତି, ଅନ୍ନପୂର୍ଣ୍ଣା ସେନାପତି ନାତି ନାତୁଣିବହୁ ଉପସ୍ଥିତଥିଲେ । ତାଙ୍କ ମୃତ୍ୟୁ ଖବର ପଚାରିତ ହେବାପରେ ଅଞ୍ଚଳର ବହୁ ମାନ୍ୟଗନ୍ୟ ବକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ଗାଁ ମଶାଣିରେ ଶେଷ କୃତ ସମାପନ ହୋଇଥିଲା । ପୁଅ ଜୟକୃଷ୍ଣ ମୂଖାଗ୍ନୀ ଦେଇଥିଲେ ।

# ଅଶୋଧିତ ତୈଳଦର ବ୍ୟାରେଲ ପିଛା ୮୪ ଡଲାର ଛୁଇଁଲା

ନୂଆଦିଲ୍ଲୀ, ୧୬/୫ : ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ପରିବର୍ତ୍ତନ ହେବାରେ ଲାଗିଛି । ଅଶୋଧିତ ବ୍ରେଣ୍ଟ ମୂଲ୍ୟ ବ୍ୟାରେଲ ପିଛା ୮୪ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୮୦ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ କରିନାହିଁ । ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୯.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୪.୨୧ଟଙ୍କା ଥିବା ବେଳେ ଡିଜେଲ ୯୨.୨୭ଟଙ୍କା ରହିଛି । କୋଲକାତାରେ ପେଟ୍ରୋଲ ମୂଲ୍ୟ ୧୦୩.୯୪ ଟଙ୍କା ରହିଥିବା ବେଳେ ଡିଜେଲ ମୂଲ୍ୟ ୯୦.୭୬ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ୧୦୦.୭୫ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୯୪.୩୪ଟଙ୍କା ରହିଛି ।

# ବିଜେଡିର କର୍ମୀ ସମ୍ମିଳନୀ ଏବଂ ନିର୍ବାଚନୀ ସଭା



ଲଙ୍ଗଳେଶ୍ୱର, ୧୬/୫ (ନି.ପ୍ର): ବାଲିଆପାଳ ବ୍ଲକ ଡଗରା, ରତେଇ ଏବଂ ଜାମକୁଣ୍ଡା ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଏବଂ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବିଜୁ ଜନତା ଦଳ ବସ୍ତା ନିର୍ବାଚନମଣ୍ଡଳୀ ବିଧାୟିକା ପ୍ରାର୍ଥିନୀ ଶ୍ରୀମତୀ ସୁବାସିନୀ ଜେନା ଯୋଗ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଙ୍କ ନେତୃତ୍ୱରେ ସମୃଦ୍ଧ ଓ ବିକଶିତ ବସ୍ତା - ବାଲିଆପାଳ ଗଠନ ଦିଗରେ ସଭିଙ୍କର ସହଯୋଗ ଲୋଡ଼ିବା ସହ ଆସନ୍ତା ଜୁନ ୧ ତାରିଖରେ ଦୁଇ ଥର ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଡଗରା ପଞ୍ଚାୟତ ୧୦ ନଂ ୱାର୍ଡ଼ର ପୂର୍ବତନ ୱାର୍ଡ଼ ସଦସ୍ୟ ଶ୍ରୀଯୁକ୍ତ ଶଙ୍କର ପାତ୍ରଙ୍କ ସମେତ ୧୦ ରୁ ଊର୍ଦ୍ଧ୍ୱ ସକ୍ରିୟ ବରିଷ୍ଠ ଓ ଯୁବ ସଦସ୍ୟ ସଦସ୍ୟା କଂଗ୍ରେସ ଓ ବିଜେପି ଦଳ ଛାଡ଼ି ବିଧିବଦ୍ଧ ଭାବେ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ ।ସମସ୍ତଙ୍କୁ ମୁଖ୍ୟ ଅତିଥି ବସ୍ତା ବିଧାନସଭା ବିଜେଡି ପ୍ରାର୍ଥିନୀ ଶ୍ରୀମତୀ ସୁବାସିନୀ ଜେନା ଦଳୀୟ ଉତ୍ତରୀୟ ପିନ୍ଧାଇ ବିଜୁ ଜନତା ଦଳକୁ ସ୍ୱାଗତ କରିଥିଲେ । ସେହିପରି ରତେଇ ପଞ୍ଚାୟତରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ ସଭାପତିତ୍ୱ କରିଥିଲେ । ୨୨ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ,ପୂର୍ବତନ ସରପଞ୍ଚ ସରୋଜ ପାଢୀ,ବାଞ୍ଛାନିଧି ସାମଲ,ବରିଷ୍ଠ ନେତା ଚକ୍ରଧର ଗିରି,ମହେଶ୍ୱର ଜେନା,ପଞ୍ଚାୟତ ସଭାପତି ଲକ୍ଷ୍ମୀଧର ପ୍ରଧାନ, ପ୍ରମୁଖ ନେତ?ବ?ନ୍ଦ ଯୋଗଦେଇଥିଲେ । କର୍ମୀ ସମ୍ମିଳନୀରେ ବହୁ ପୁରୁଷ ଏବଂ ମହିଳା କର୍ମୀ ଉପସ୍ଥିତ ଥିଲେ । ରତେଇ ରେ କର୍ମୀ ସମ୍ମିଳନୀ ତଥା ନିର୍ବାଚନୀ ସଭାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରାରେ ଅନୁପ୍ରାଣିତ ହୋଇ ରତାଇ ପଞ୍ଚାୟତର ସକ୍ରିୟ ବରିଷ୍ଠ ଓ ଯୁବ ସଦସ୍ୟ ଶ୍ରୀଯୁକ୍ତ ଗୌତମ ବିଶ୍ୱାଳ, ଶ୍ରୀଯୁକ୍ତ କମଳଲୋଚନ ବିଶ୍ୱାଳ, ଶ୍ରୀଯୁକ୍ତ ରାଜେନ୍ଦ୍ର ବିଶ୍ୱାଳ ଏବଂ ଶ୍ରୀଯୁକ୍ତ ବନମାଳୀ ବାରିକ କଂଗ୍ରେସ ଦଳ ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ । ମୁଖ୍ୟ ଅତିଥି ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ସମସ୍ତଙ୍କୁ ବିଜୁ ପରିବାରକୁ ସ୍ୱାଗତ ଜଣାଇ ବସ୍ତା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି କ୍ଷେତ୍ରରେ ମିଳିମିଶି କାର୍ଯ୍ୟ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସେହିପରି ଜାମକୁଣ୍ଡା ପଞ୍ଚାୟତରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ପଞ୍ଚାୟତ ସଭାପତି ବସନ୍ତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରି ଭୋଟ ଭିକ୍ଷା କରିଥିଲେ । ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ,ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଶଧର ପ୍ରଧାନ,୨୨ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ,୨୩ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା,ବରିଷ୍ଠ ନେତା ନବୀନ ପାତ୍ର,ମହିଳା ସଭାନେତ୍ରୀ ସୁମନ ପ୍ରଭା ପରିଡା,ଯୁବ ସଭାପତି ଦୀପକ ଜେନା,ଜିଲ୍ଲା ଯୁବ ସଂପାଦକ ଜୟକୃଷ୍ଣ ନାୟକ,ଯୁବନେତା ସ୍ମୃତିରଂଜନ ଖୁଣ୍ଟିଆ ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

# 'ଜନଇସ୍ତାହାର – ୨୦୨୪' ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅଧିକ ମଜଭୁତ କରିବ : ଜନଜାଗୃତି ମଂଚ



ଉଦଳା , ୧୬/୫ (ନି.ପ୍ର): ଓଡ଼ିଶା ଶ୍ରମଜୀବି ମଂଚ ଓ ମହିଳା ଶ୍ରମଜିବି ମଂଚ ଓଡ଼ିଶା ତରଫରୁ ପ୍ରସ୍ତୁତ କରାଯାଇଥିବା 'ଜନଇସ୍ତହାର – ୨୦୨୪' ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅଧିକ ମଜଭୁତ କରିବ ବୋଲି ମୟୂରଭଂଜରେ କାର୍ଯ୍ୟରତ ଲୋକ ସଂଗଠନ 'ଜନଜାଗୃତି ମଂଚ' ପକ୍ଷରୁ କୁହାଯାଇଛି । ଉକ୍ତ ଇସ୍ତହାର ସମ୍ପର୍କରେ ବିଗତ ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ବିସ୍ତୃତ ଆଲୋଚନା କରାଯାଇଥିଲା । ଆଲୋଚକ ଭାବରେ ସାମାଜିକ କର୍ମି ପଂଚାନନ ପ୍ରଧାନ ଯୋଗ ଦେଇ ଗଣତନ୍ତ୍ରରେ ନିର୍ବାଚନି ଇସ୍ତହାର ହେଉଛି ଏକ ରାଜନୈତିକ ଦଳର ଦୃଷ୍ଟିକୋଣ ଯାହା ନିର୍ବାଚନରେ ବିରୋଧୀ ଦଳ ପଦବି ଗୁଡ଼ିକର ଏକ ମିଶ୍ରଣ ପ୍ରଦାନ କରିଥାଏ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜନଜାଗୃତି ମଂଚର ଟିମ ଲିଡ଼ର ଗଦାଧର ଦାଶ, ଯଦି ଗଣତନ୍ତ୍ର ହେଉଛି ନିର୍ବାଚିତ ଏବଂ ନାଗରିକଙ୍କ ମଧ୍ୟରେ ସାମାଜିକ ଚୁକ୍ତି ତେବେ ନିର୍ବାଚିତ ସରକାରଙ୍କୁ ଦାୟି କରିବା ଦେଶର ନାଗରିକଙ୍କ ଦାୟିତ୍ୱ ଅଟେ ବୋଲି କହିଥିଲେ । ଏହାପରେ ସ୍ୱେଚ୍ଛାସେବି ସୁବ୍ରତ କୁମାର ମହାନ୍ତି , ଜନଇସ୍ତହାରରେ ଉଠାଯାଇଥିବା ତୃଣମୂଳ ସ୍ତରର ସ୍ୱର ଶୁଣିବା ପାଇଁ ରାଜନୈତିକ ପ୍ରତିନିଧି ମାନେ ଯଥେଷ୍ଟ ସମ୍ବେଦନଶିଳ ହେବେ ବୋଲି ଆଶା କରାଯାଉଛି କହିଥିଲେ । ପରେ ଆଜି ୧୬ ତାରିଖ ଗୁରୁବାର ଦିନ ମଂଚର ସଦସ୍ୟ ରାମଚନ୍ଦ୍ର, ରୁପାଏ, କାପାଲ, ଆରତି, ସସ୍ମିତା, ରାମାୟ, ମୋନାଲି, ମଂଜୁଲତା ଓ ରବିନ୍ଦ୍ର ପ୍ରମୁଖ ମିଳିମିଶି ଆଗାମି ନିର୍ବାଚନରେ ଅଂଶ ଗ୍ରହଣ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ପ୍ରାର୍ଥି ମାନଙ୍କୁ ଘରକୁ ଘର ବୁଲି 'ଜନଇସ୍ତହାର' ପୁସ୍ତିକା ପ୍ରଦାନ କରିବା ସହିତ ସମ୍ମତିପତ୍ରରେ ସ୍ୱାକ୍ଷର କରାଇଥିଲେ । ମଂଚର ଏତାଦୃଶ କାର୍ଯ୍ୟକଳାପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ଓଡ଼ିଶାକୁ ନିଶାମୁକ୍ତ ରାଜ୍ୟ କରିବା ପାଇଁ ଦୃଢ଼ ନିର୍ଦ୍ଦେଶାବଳି ପ୍ରଣୟନ ହେବା ବର୍ତମାନ ଜରୁରି ହୋଇ ପଡ଼ିଛି ବୋଲି ମତ ଦେଇଥିଲେ ।

# କସିପଦା ସେବା ସମବାୟରେ ରବିଧାନ କିଣା ଶୁଭାରମ୍ଭ

ବସ୍ତା, ୧୬/୫ (ନି.ପ୍ର): ରୂପସାଥାନା କସିପଦା ସେବା ସମବାୟ ସମିତିରେ ଚଳିତ ବର୍ଷର ରବି ଧାନକିଣା ଶୁଭାରମ୍ଭ ହୋଇଅଛି । ଏହି କାର୍ଯ୍ୟକ୍ରମରେ କସିପଦା ସେବାସମବାୟ ସମିତିର ସଭାନେତ୍ରୀ ଶ୍ରୀମତୀ ପଟନାୟକ, ବାଲେଶ୍ୱର ସର୍କଲର ଚିପ ଏଆର ସି ଏସ ସିମା ମୂର୍ମୁ, ଏସ ଆର ସି ଏସ ଦେବାଶିଷ ଦାସ, ଚିପ ସିଏସଓ ନିହାର ରଞ୍ଜନ ବେହେରା. ଆରଏମସି ସେକ୍ରେଟେରୀ କୃଷ୍ଣ ଚନ୍ଦ୍ର, ଏ ସି ଏସ ଓ ହିମାଶୁଂଭୂଷଣ ସାହୁ , ଏସ ଆର ସିଏସ ଗୋପିନାଥ ବିଶ୍ୱାଳ ଓ କସିପଦା ସମିତିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ୬ଜଣ ଚାଷୀ ଉପସ୍ଥିତ ରହି ୨ଶହ୨୦ କୁଇଣ୍ଟାଲ ଧାନ କିଣା ଯାଇଥିଲା ।

# ନାଛିମପୁର ପଞ୍ଚାୟତରେ କଂଗ୍ରେସର ମହିଳା ସମାବେଶ



ଜଳେଶ୍ୱର,୧୬/୫((ନିପ୍ର ) ଜଳେଶ୍ୱର ବ୍ଲକ ଅଧିନସ୍ଥ ଉପାନ୍ତ ନାଛିମ ପୁର ଗ୍ରାମରେ ମହିଳା କଂଗ୍ରେସର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଅପରାହ୍ନରେ ଆୟୋଜିତ ସଭାରେ କଂଗ୍ରେସ ନେତ୍ରୀ ରାଧାରାଣୀ ପାତ୍ର ସଭାପତିତ୍ୱ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମହିଳା ବିରୋଧୀ ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ।ଯେତେକ ଜନହିତୈଶୀ ଯୋଜନା କଂଗ୍ରେସ ସରକାର ଅମଳରେ ହୋଇଥିଲା ବୋଲି ଯୁବ ନେତା ସପନ ଜେନା ମଞ୍ଚାସୀନ ହୋଇ କହିଥିଲେ।ଏହି ବୈଠକରେ କୃଷକ ନେତା ସୁଦାମ ପାତ୍ର ଯୋଗ ଦେଇ ଆଗାମୀ ନିର୍ବାଚନରେ କଂଗ୍ରେସ ଜନ କଲ୍ୟାଣ କାରୀ ଇସ୍ତାହାର ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।ମହିଳା କର୍ମୀ ମାନେ ଆଗ୍ରହ ସହିତ ଅଂଶ ଗ୍ରହଣ ପୂର୍ବକ ଆଗାମୀ ନିର୍ବାଚନରେ କଂଗ୍ରେସ କୁ ବିପୁଳ ସଂଖ୍ୟରେ ଭୋଟ ଦେଇ ନିର୍ବାଚିତ କରିବେ ବୋଲି ଦୃଢ଼ ମତ ପୋଷଣ କରିଥିଲେ। ଅତ୍ୟାବଶ୍ୟକ ଦ୍ରବ୍ୟର ଅହେତୁକ ଦରବୃଦ୍ଧି ସମୟରେ ମହିଳା ମାନେ ଅଧିକ ପ୍ରଭାବିତ ହୋଇଥାନ୍ତି। ତେଣୁ ସେମାନେ କିପରି ସଂଗଠିତ ହୋଇ ଆତ୍ମନିର୍ଭରଶୀଳ ହୋଇ ପାରିବ ସେ ବିଷୟରେ ଆଲୋଚନା ହୋଇଥିଲା।ଏହି କାର୍ଯ୍ୟକ୍ରମରେ ମହିଳା ନେତ୍ରୀ ସୁଜାତା ଗିରି, ବିଜୟୀ ଲକ୍ଷ୍ମୀ ରାଜ,ରୁକୁଣୀ ଗିରି, ଗିରିବାଳା ଗିରି, ସୁପ୍ରଭା ଗିରି, ଜିତା ରାଣୀ ଗିରି, କବିତା ରାଣୀ ଗିରି, ଜଲୀ ଗିରି, ଶାନ୍ତିଲତା ରାଉଳ, ଗୀତା ରାଣୀ ଗିରି, ନମିତା ଗିରି, ରାଜ, ସବିତା ଗିରି, ସ୍ନେହଲତା ସେନାପତି, ସୁମତି ଗିରି, ମିତା ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଇନ୍ଦୋରର ବେଟମା ନିକଟରେ ଭୟାବହ ସଡକ ଦୁର୍ଘଟଣା: ୮ ମୃତ

ଇନ୍ଦୋର, ୧୬/୫ (ନି.ପ୍ର): ଇନ୍ଦୋରର ବେଟମାରେ ବୁଧବାର ଭୟାବହ ସଡକ ଦୁର୍ଘଟଣା ଘଟିଛି । ଏଠାରେ ଇନ୍ଦୋର-ଅହମଦାବାଦ ଫୋରଲେନରେ ଏକ କାରର ଫାଟିବା କାରଣରୁ ଏହା ଠିଆ ହୋଇଥିବା ଏକ ଟ୍ରକରେ ଧକ୍କା ହୋଇଥିଲା । ଦୁର୍ଘଟଣାରେ କାରରେ ଥିବା ୮ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି । ମୃତଦେହକୁ ବେଟମା ହସ୍ପିଟାଲରେ ରଖାଯାଇଛି । ସମସ୍ତ ମୃତକ ଗୁନା ଜିଲ୍ଲାର ବାସିନ୍ଦା । ସମସ୍ତ ଅଲିରାଜପୁରର ବୋରି ଗାଁରେ ଏକ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଯାଇଥିଲେ । ଫେରିବା ସମୟରେ ଏହି ଦୁର୍ଘଟଣା ଘଟିଛି ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ




ରୂପସା , ୧୬/୫ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ଙ୍କ ସୁ ପୁତ୍ର ମୁନି ବିଶ୍ୱଜିତ୍ ମିସ୍ତ୍ରୀ ଙ୍କର ୩୪ ତମ ଶୁଭ ଜନ୍ମଦିନ, ବ୍ରହ୍ମଜ୍ଞାନୀ,ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ,ଜିଲ୍ଲା ସମ୍ପାଦକ,ମୁନି ସମାଜର ଜ୍ୟୋତି, ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି।ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ, ଆତ୍ମଜ୍ଞାନୀ,ପ୍ରାନ୍ତୀୟ ସହ ସମ୍ପାଦକ,ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ।ସମ୍ମାନୀତ ଅତିଥି ହିସାବରେ ଯୋଗଦାନ କରିଥିଲେ, ଆତ୍ମଜ୍ଞାନୀ ମୁନିରାଜ ଅମୂଲ୍ୟ ମୁନିଜୀ ମହୋଦୟ। ବକ୍ତା ହିସାବରେ ଯୋଗଦାନ କରିଥିଲେ ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ।ହୃଦୟ ଖୋଲା ଅନ୍ତରରେ ଆଶିର୍ବାଦ ପ୍ରଦାନ କରିଥିଲେ,ମମତାମୟୀ,ପରମ ପୂଜ୍ୟା ମାତା, ଆଶ୍ରମର ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା।ମଞ୍ଚ ପରିଚାଳନା କରିଥିଲେ, ଏବଂ ଧନ୍ୟବାଦ ପ୍ରଦାନ କରିଥିଲେ ଆଶ୍ରମର କୋଷାଧ୍ୟକ୍ଷ ପରମ ପୂଜ୍ୟ ପିତା ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ।ଉପସ୍ଥିତ ଥିଲେ, ଆଶ୍ରମର ଉପାଧ୍ୟକ୍ଷା ଆତ୍ମଜ୍ଞାନୀ ମୁନିରାଜ୍ଞୀ କନକଲତା ମହାପାତ୍ର ମହୋଦୟା,ମୁନିମତୀ ଶକୁନ୍ତଳା ପରିଡ଼ା, ମୁନିରାଜ୍ଞୀ ବିମଳା ଲେଙ୍କା, ମୁନିମତୀ ଯମୁନା ପାତ୍ର, ମୁନିମତୀ ଜୟନ୍ତୀ ଗିରି, ମୁନିମତୀ କୁନି ମାଝୀ, ମୁନିମତୀ ଉର୍ମିଳା ରାଉଳ, ମୁନିମତୀ ପୂର୍ଣ୍ଣିମା ବର, ମୁନିମତୀ ଜାହ୍ନବୀ ଗିରି, ମୁନିମତୀ ସରସ୍ୱତୀ ନନ୍ଦ,ମୁନି କୁମାର ତାପସ,ମୁନି ଚିତ୍ତରଞ୍ଜନ ବର ମୁନି ରଘୁନାଥ ବେହେରା ପ୍ରମୁଖ ।ମଞ୍ଚାସୀନ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ,ମୁନି କୁମାର ତ୍ରୀସାନ୍ ମିସ୍ତ୍ରୀ । ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ, ଆଶ୍ରମର ଯୋଗ ସାଧିକା ମୁନିମତୀ ବାସନ୍ତୀ ମହାଳିକ ମହୋଦୟା ।ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଆୟୁଷ୍ମାନ୍ ମୁନି ବିଶ୍ୱଜିତ୍ ଙ୍କୁ ସମୂହ ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନର ଶୁଭ ଆଶିର୍ବାଦ ପ୍ରଦାନ ସହିତ ଉଜ୍ଜ୍ୱଳ ଭବିଷ୍ୟତ ର ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା ।ଶେଷରେ ମାତା କଳ୍ପନା ମିସ୍ତ୍ରୀ ମହୋଦୟା ସମସ୍ତଙ୍କୁ ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo